visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK

ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.106 Bhubaneswar Sunday, June 06, 2021 | ୨୪ତମ ବର୍ଷ ସଂଖ୍ୟା–୧୦୬ ଭୁବନେଶ୍ୱର, ରବିବାର, ଜୁନ୍ ୦୬, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS




ଭୁବନେଶ୍ୱରଠାରେ ବିଶ୍ୱ ପରିବେଶ ଦିବସରେ ବାଲୁକା କଳା ମାଧ୍ୟମରେ ସଚେତନତା, ସୁବଳ ମହାରଣା ଦ୍ୱାରା ଗୋଟିଏ ବୃକ୍ଷ, ବୃକ୍ଷ ଜୀବନ ବଞ୍ଚାନ୍ତୁ

## ଯୁକ୍ତ ୨ ମୂଲ୍ୟାୟନ ପାଇଁ ୧୪ ଜଣିଆ ବିଶେଷଜ୍ଞ କମିଟି

ଭୁବନେଶ୍ୱର, ୫।୬(ପି.ଏନ):ଯୁକ୍ତ ୨ ମୂଲ୍ୟାୟାନ ପାଇଁ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ସିଏଚଏସଇ ପକ୍ଷରୁ ୧୪ ଜଣିଆ କମିଟି ଗଠିତ ହୋଇଛି। ଏହି କମିଟି ଆସନ୍ତା ୧୦ ଦିନ ଭିତରେ ମୂଲ୍ୟାୟନ ଖସଡ଼ା ରିପୋର୍ଟ ଦେବ।ଏହାପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୧୫ ଦିନ ଭିତରେ ଗଠନ ବିଶେଷଜ୍ଞ କମିଟି ହେବ ।ସିବିଏସଇ ପଲିସିକୁ ଅନୁଧ୍ୟାନ କରି କମିଟି ସଦସ୍ୟମାନେ ତର୍ଜମା କରିବେ। ଏହା ପରେ ନିଷ୍ପତି ହେବ ଯେ କେଉଁ ଆଧାରରେ ମାର୍କ ଦିଆଯିବ ଓ ଫଳ ପ୍ରକାଶ କରାଯିବ । ଯୁକ୍ତ ୨ ପରୀକ୍ଷା ବାତିଲ ପରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ ଏହି ସୂଚନା ଦେଇଛନ୍ତି

## ଗୋଟିଏ ଦିନରେ ୭୩୯୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୫।୬(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୩୯୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୦୬୦୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୭୧୩୦୫୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୮୬୮୭ ରହିଛି । ଆଜି ଚିହ୍ନଟ ହୋଇଥିବା ୭୩୯୫ ଜଣଙ୍କ ମଧ୍ୟରୁ ୪୧୬୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୨୨୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୦୬୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୮୫ ଜଣ, ବରଗଡ଼ରୁ ୧୭୧ ଜଣ, ଭଦ୍ରକରୁ ୨୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୮୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୩୩ , କଟକରୁ ୮୬୮ ଜଣ, ଦେବଗଡ ଜିଲ୍ଲାରୁ ୫୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୧ ଜଣ, ଗଜପତି ଜିଲ୍ଲାରୁ ୫୨ , ଗଞ୍ଜାମରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୮୮ ଜଣ, ଯାଜପୁରରୁ ୫୧୬ ଜଣ, ଝାରସୁଗୁଡ଼ାରୁ ୬୬ ଜଣ, କଳାହାଣ୍ଡିରୁ ୧୬୬ ଜଣ, କନ୍ଧମାଳ ଜିଲ୍ଲାରୁ ୭୬ ଜଣ. କେନ୍ଦ୍ରାପଡ଼ାରୁ ୩୪୧ ଜଣ, କେନ୍ଦୁଝରରୁ ୧୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୦୬୯ ଜଣ, କୋରାପୁଟରୁ ୧୬୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୮୪ ଜଣ, ନବରଙ୍ଗପୁରରୁ ୧୯୬ ଜଣ, ନୟାଗଡ଼ରୁ ୨୪୩ ଜଣ, ନୂଆପଡ଼ାରୁ ୨୨ ଜଣ, ପୁରୀରୁ ୩୫୬ ଜଣ, ରାୟଗଡ଼ାରୁ ୧୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୩୭ ଜଣ, ସୋନପୁରରୁ ୯୧ ଜଣ, ସୁନ୍ଦରଗଡ଼ରୁ ୨୬୭ ଜଣ ଓ ଷ୍ଟେଟ୍ ପୁଲରୁ ୧୪୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଡ. ପ୍ରଭାସ ଆଚାର୍ଯ୍ୟ ହେଲେ 'ସମାଜ'ର ମୁଖ୍ୟ ପ୍ରଶାନିକ ଅଧିକାରୀ

ଭୁବନେଶ୍ୱର, ୫।୬(ପି.ଏନ): 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଭାବେ ଡ. ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲୋକସେବକ ମଣ୍ଡଳର ସର୍ବଭାରତୀୟ ସଭାପତି ରାଜକୁମାର ଏହି ନୂତନ ପଦରେ ଡ. ଆଚାର୍ଯ୍ୟଙ୍କୁ ଅବସ୍ଥାପିତ କରିଛନ୍ତି। ଏଥିସହିତ ମୁଖ୍ୟ ପରିଚାଳକଙ୍କ ସମସ୍ତ ଦାୟିତ୍ୱ ତାଙ୍କୁ ନ୍ୟସ୍ତ କରାଯାଇଛି।

## କାର୍ ରୁ ୮୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଜୟପୁର ୫।୬(ପି.ଏନ): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢଉ କରିଛି । ଏହି ମାମଲାରେ ପୋଲିସ ଜଣକୁ ଗିରଫ କରିଛି । ବିଶେଷ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ନଂ ୩୨୬ର ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା ପୋଲିସ । ଇନୋଭା କାର୍ ନଂ ୟୁପି- ୩୨-ଡିଏଲ-୬୧୨୧ ରେ ଲମତାପୁଟରୁ ଉତର ପ୍ରଦେଶ ଚାଲାଣ ହେଉଥିଲା ଏହି ଗଞ୍ଜେଇ । ପୋଲିସ ର ଏକ ଟିମ୍ ପାତ୍ରପୁଟ ବ୍ରିଜ ନିକଟରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ଏହି କାର୍ ରୁ ୮୩ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଅନୁମାନିକ ମୂଲ୍ୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ଏହା ସହ ୩ଟି ମୋବାଇଲ, ୭୫୦ ଟଙ୍କା ଏବଂ ଏହି ଇନୋଭା କାର୍ କୁ ଜବତ କରିଛି ପୋଲିସ । ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଉତର ପ୍ରଦେଶର ଅନିକେତ ତ୍ରିପାଠି (୨୫) । ଅଭିଯକ୍ତକୁ ଗିରଫ କରଯାଇ କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ସୂଚନା ଦେଇଛନ୍ତି ।


## ବିଦେଶକୁ ଯିବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଟିକା ଦେବ ବିଏମସି : ମାର୍କେଟ ରେ ହେବ କରୋନା ଟେଷ୍ଟିଂ

ଭୁବନେଶ୍ୱର,୫।୬(ପି.ଏନ): ପାଠ ପଢ଼ା ପାଇଁ ବିଦେଶ ଯିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଟିକା। ବିଦେଶ ଯିବା ପୂର୍ବରୁ ଭୁବନେଶ୍ୱର ମହାନଗର ଅଂଚଳର ଛାତ୍ରଛାତ୍ରୀ ୧୯୨୯କୁ କଲ୍ କରି ରେଜିଷ୍ଟ୍ରସନ୍ କରିବା ପରେ ସେମାନଙ୍କୁ ଟିକା ଦିଆଯିବାର ବ୍ୟବସ୍ଥା କରାଯିବ। ବିଦେଶକୁ ଯିବା ପାଇଁ ଟିକାକରଣ ବାଧ୍ୟତାମୂଳକ ଥିବାରୁ ଏହି କାର୍ଯ୍ୟକ୍ରମ ଆସନ୍ତାକାଲିଠାରୁ ଆରମ୍ଭ ହେବ ବୋଲି ବିଏମସି କମିଶନର ସଂଜୟ ସିଂହ ସୂଚନା ଦେଇଛନ୍ତି। ସେହିପରି ଆସନ୍ତାକାଲିଠୁ ଭୁବନେଶ୍ୱରର ମାର୍କେଟ ଅଂଚଳରେ କରୋନା ଟେଷ୍ଟିଂ ହେବ। ମୋବାଇଲ୍ ଭ୍ୟାନ ପଠାଯାଇ ଆଂଟିଜେନ୍ ଏବଂ ଆରଟିପିସିଆର ଟେଷ୍ଟ କରାଯିବ। ମାଛ, ପରିବା ମାର୍କେଟରେ ମଧ୍ୟ ଟେଷ୍ଟିଂ ବ୍ୟବସ୍ଥା ହେବ। ସାମୁହିକ ଟେଷ୍ଟିଂରେ ସମସ୍ତେ ସହଯୋଗ କରିବାକୁ ବିଏମସି କମିଶନର ନିବଦେନ କରିଛନ୍ତି। ରାଜ୍ୟ ସରକାରଙ୍କ କରୋନା ସଚେତନତା ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀରେ ବିଏମସି କମିଶନର କହିଛନ୍ତି ଯେ ରାଜଧାନୀରେ କରୋନା ପଜିଟିଭିଟି ରେଟ ହ୍ରାସ ପାଇଛି। ଲକଡାଉନ୍ ଓ ସଟଡାଉନ୍ ପାଇଁ ସଫଳ ହୋଇପାରିଛି । ବିଏମସି ଅଂଚଳରେ ମାର୍କେଟ ଏରିଆରେ ଗହଳି ସ୍ଥାନରେ ଆରଟିପିସିଆର ଓ ଆଂଟିଜେନ ଟେଷ୍ଟ କରାଯାଉଛି । ଆଗାମୀ ଦିନରେ ଅନ୍ୟ ଗହଳି ସ୍ଥାନରେ ମୋବାଇଲ ଭ୍ୟାନ ଜରିଆରେ ବାଧ୍ୟତାମୂଳକ ଟେଷ୍ଟିଂ କରାଯିବ। ସେପଟେ ଭୁବନେଶ୍ୱର ହସ୍ପିଟାଲରେ ବେଡ ଉପରୁ ଚାପ ହ୍ରାସ ପାଇଥିବା କହିଛନ୍ତି କମିଶନର। ବର୍ତମାନ ୨ହଜାରରୁ ଅଧିକ ବେଡ ଖାଲି ରହିଛି। ୭୫ରୁ ଅଧିକ ଆଇସିୟୁ ବେଡ ମଧ୍ୟ ଖାଲି ରହୁଛି। ବିଏମସିକୁ ସରକାର ୧୦୦ ଟି ଅକ୍ସିଜେନ କନସେନଟ୍ରେଟର ଦେଇଛନ୍ତି। ଏଥିପାଇଁ ଏକ ଆପ ପ୍ରସ୍ତୁତ କରାଯାଇଛି। ଲୋକେ ଫୋନ କରି ବୁକ୍ କଲେ ବିଏମସି ତରଫରୁ ଘରେ ଅକ୍ସିଜେନ କନସେନଟ୍ରେଟର ଯୋଗାଇଦିଆଯିବ । ଦୈନିକ ୪ହଜାରରୁ ଅଧିକ ଟେଷ୍ଟ ହେଉଛି । ୬୦ ବର୍ଷରୁ ଅଧିକ, ଗର୍ଭବତୀ ଓ ଭିନ୍ନକ୍ଷମଙ୍କୁ ଡୋର ଷ୍ଟେପ ଟେଷ୍ଟିଂ ଚାଲୁଛି । ଜୁନ୍ ୪ ତାରିଖ ସୁଦ୍ଧା ୮ ଲକ୍ଷ ୫୭ ହଜାର ୩୩୦ ଟିକା ଦିଆସରିଥିବା ସୂଚନା ଦେଇଛନ୍ତି ବିଏମସି କମିଶନର । ସ୍ୱାସ୍ଥ୍ୟ କର୍ମୀ ୩୫, ୪୨୯, ସମ୍ମୁଖ କର୍ମୀଙ୍କୁ ୪୮, ୪୧୦ ଡୋଜ୍ ଦିଆଯାଇଛି। ୪୫+ ବର୍ଗରେ ପ୍ରଥମ ଡୋଜ୍ ୩.୩୮ ଲକ୍ଷ ଓ ୨ୟ ଡୋଜ୍ ୨.୧୧ ଲକ୍ଷ ନେଲେଣି। ୧୮ରୁ ୪୪ ବୟସ ବର୍ଗରେ ୧ ଲକ୍ଷ ୭୦ ହଜାର ଜଣକୁ ପ୍ରଥମ ଡୋଜ୍ ମିଳିଛି। ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ୪ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ମିଳିବ। ବାକି ଥିବା ୧୮ରୁ ୪୪ ବର୍ଗ ପ୍ରଥମ ଡୋଜ୍ ନିମନ୍ତେ ଖୁବ୍ ଶୀଘ୍ର ବ୍ୟବସ୍ଥା ହେବ।

## ଧାମନଗରରେ ବଢ଼ୁଛି ଜବରଦଖଲ, ୨ମାସ ମଧ୍ୟରେ ଉଚ୍ଛେଦପାଇଁ ହାଇକୋର୍ଟର ନିର୍ଦ୍ଦେଶ

ଭଦ୍ରକ, ୫।୬(ପି.ଏନ): ଧାମନଗର ତହସିଲ ଅନ୍ତର୍ଗତ ସୋଧ ରାଜସ୍ୱ ଗ୍ରାମର ଧାମନଗର- ଦୋବଲ ମୁଖ୍ୟ ରାସ୍ତାର ମୁସ୍ତଫାପୁର ମୌଜାର ୨୩ଏକର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠରେ ଏହି ରାୟ ପ୍ରଦାନ କରିଛନ୍ତି ଏବଂ ଧାମନଗର ତହସିଲଦାର, ଭଦ୍ରକ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ୨ମାସ ମଧ୍ୟରେ ଉକ୍ତ ଜବରଦଖଲ ଉଚ୍ଛେଦ ସହିତ ଆଇନ୍‌ଗତ ପ୍ରକ୍ରିୟା କରିଯିବାପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହା ୨ମାସ ମଧ୍ୟରେ ଉଚ୍ଛେଦ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ମଧ୍ୟ ମାନ୍ୟବର କୋର୍ଟ କହିଛନ୍ତି। ପ୍ରକାଶ ଥାଉକି ଦୋବଲ- ମୁସ୍ତଫାପୁର ଅଂଚଳର ଘୋଡ଼ାଗଣ୍ଡ ପାଖରୁ ଧାମନଗର ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ୨୩ଏକର ଜମିକୁ ସ୍ଥାନୀୟ ଅଂଚଳର ଲୋକମାନେ ଜବରଦଖଲ କରି ସେଠାରେ ସ୍ଥାୟୀ ପକ୍କାଘର, ଓ ଘରମାନ ନିର୍ମାଣ କରି ଭଡ଼ା ଲଗାଇବା ସହିତ ବ୍ୟବସାୟ ମଧ୍ୟ କରୁଛନ୍ତି। ପ୍ରାୟ ୧୫ବର୍ଷହେବ ମୁସ୍ତଫାପୁର ମୌଜାର ଖାତା ନଂ ୬୧୪ରେ ଥିବା ଅନାବାଦି, ଆବାସ ଯୋଗ୍ୟ ଅନାବାଦି, ରକ୍ଷିତ ଅନାବାଦି, ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମିକୁ ନିଜ କବଜାକରିବା ସହିତ ଏଠାରେ ବେଆଇନ୍ ଭାବେ ଘରନିର୍ମାଣ କରି ବ୍ୟବସାୟ ଚଳାଇଛନ୍ତି। ଏହି ଜମିରେ ମଧ୍ୟ ବଡ଼ବଡ଼ କୋଠା କରାଯାଇ ନିଜ ଅକ୍ତିଆରରେ ରଖିଛନ୍ତ। ଏହି ଜାଗାରେ ପ୍ରାୟ ୫୦ରୁ ଅଧିକ ବଡ଼ ବଡ଼ ବିଲଡ଼ିଂ ତିଆରି କରାଯାଇ ରହୁଥିବାର ଦେଖିବାକୁ ମିଳିଛି। ଏନେଇ ୨୦୧୯ ମସିହାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ସଚିବ, କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ, ଭଦ୍ରକ ଜିଲ୍ଲାପାଳ ଓ ଧାମନଗର ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସ୍ଥାନୀୟ ଅଂଚଳର ଜୈନିକ ସ୍ୱେଚ୍ଛାସେବୀ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। କୋର୍ଟ ଏହାର ସୁଣାଣି କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାପାଇଁ କହିଥିଲେ। ପରବର୍ତି ସମୟରେ ଜିଲ୍ଲାପାଳଙ୍କ ନିରବତା ପରେ ପୁଣିଥରେ ହାଇକୋର୍ଟରେ ଦ୍ୱାରସ୍ଥ ହେବାପରେ ଆବେଦନ କାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ଏସ୍‌ଏନ୍ ମିଶ୍ର ମାମଲା ପରିଚାଳନା କରିବା ସହ ୨୩ଏକର ଜମିରୁ ଜବରଦଖଲ ଉଛେଦପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ନିବେଦନ କରିଥିଲେ। ଶେଷରେ ହାଇକୋର୍ଟ ଏହାର ଶୁଣାଣି କରି ଆସନ୍ତା ଦୁଇମାସ ମଧ୍ୟରେ ଉକ୍ତ ୨୩ଏକର ଜବଦଖଲ ଜାଗାକୁ ଉଚ୍ଛେଦ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଜୁନ୍ ୧୦ରେ ସୂର୍ଯ୍ୟପରାଗ, ଓଡ଼ିଶାରେ ଦୃଶ୍ୟମାନ ହେବନି



ଭୁବନେଶ୍ୱର,୫।୬(ପି.ଏନ):ଜୁନ୍ ୧୦ ତାରିଖରେ ହେବାକୁ ଯାଉଛି ବର୍ଷର ପ୍ରଥମ ଓ ଶେଷ ସୂର୍ଯ୍ୟ ପରାଗ। ଆମେରିକା, ୟୁରୋପ, ଏସିଆ ମହାଦେଶରେ କିଛି ଅଞ୍ଚଳରେ ଏହା ଦୃଶ୍ୟମାନ ହେବ। ଭାରତର କେବଳ ଜାମ୍ମୁକାଶ୍ମୀର ୧୦% ଅଞ୍ଚଳରେ ଆଂଶିକ ଦିଶିବ। ତେବେ ଓଡ଼ିଶାରେ ସୂର୍ଯ୍ୟ ପରାଗ ଦୃଶ୍ୟମାନ ହେବ ନାହିଁ ବୋଲି ପଠାଣି ସାମନ୍ତ ପ୍ଲାନିଟୋରିୟମ ପକ୍ଷରୁ କୁହାଯାଇଛି। ଜୁନ୍ ୧୦ ତାରିଖରେ ଭାରତୀୟ ସମୟ ମଧ୍ୟାହ୍ନ ୧ଟା ୪୨ରୁ ସନ୍ଧ୍ୟା ୬ ଟା ୪୧ ପର୍ଯ୍ୟନ୍ତ ପରାଗ ହେବ। ସୂର୍ଯ୍ୟ ପରାଗ ୨୦୨୨ ଅକ୍ଟୋବର ୨୫ରେ ଦେଖାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୁନ୍ ୧୦ରେ ହେଉଛି ସାବିତ୍ରୀ ବ୍ରତ ଓ ଶନି ଜୟନ୍ତୀ। ସେହିଦିନ ହିଁ ସୂର୍ଯ୍ୟ ପରାଗ ହେବ।

## ନୀତି ଆୟୋଗ ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କଲେ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର, ୫।୬(ପି.ଏନ): ନୀତି ଆୟୋଗର ସ୍ଥାୟୀ ବିକାଶ ଲକ୍ଷ୍ୟ ରିପୋର୍ଟକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଭୁବନେଶ୍ୱରର ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ରାଜ୍ୟରେ ଅପରାଧ ବଢୁଛି। ମନରେଗାରେ ନିଯୁକ୍ତି କମିଛି, ନାରୀ ନିର୍ଯାତନା ବଢ଼ିଛି, ବେକାରୀ ବଢ଼ିଛି, ଇଂଟରନେଟ ୟୁଜର୍ସଙ୍କ ସଂଖ୍ୟା କମିଛି। ଏଥିସହ ହତ୍ୟା, ଶିଶୁ ବିରୋଧୀ ଅପରାଧ, ମାନବ ଚାଲାଣ ଅପରାଧ ବଢ଼ିଛି। ଦେଶରେ ତଳ ଆଡୁ ପଂଚମ ସ୍ଥାନରେ ରହିଛି ଓଡିଶା। ୨୦୧୯ରେ ଏସଡିଜି ଇଣ୍ଡିଆ ରାଙ୍କିଂରେ ୧୬ଶ ସ୍ଥାନରେ ଓଡ଼ିଶା ଥିବା ବେଳେ ଏବେ ଓଡିଶା ୨୧ଶ ସ୍ଥାନକୁ ଖସି ଆସିଛି ବୋଲି ସେ କହିଛନ୍ତି ।ଅପରପକ୍ଷରେ ବିଜେପି ସାଂସଦଙ୍କ ପ୍ରଶ୍ନରେ ବିଜେଡି ସାଂସଦ ଅମର ପଟ୍ଟନାୟକ କହିଛନ୍ତି ଯେ ସସ୍‌ଟେନେବଲ୍ ଡେଭଲପେମେଂଟ ଗୋଲ (ଏସ୍‌ଡିଜି) ରିପୋର୍ଟରେ କିଏ ଉପରେ କିଏ ତଳେ ନଥାଏ । ଓଡ଼ିଶା ୨୦୧୮ରେ ୫୧ ମାର୍କ, ୨୦୧୯ରେ ୫୮ ଓ ୨୦୨୦ରେ ୬୧ ମାର୍କ ମିଳିଛି । ଓଡ଼ିଶା ୯ କ୍ଷେତ୍ରରେ ଭଲ ପ୍ରଦର୍ଶନକାରୀ, ୬ଟିରେ ରାଜ୍ୟ ଆଶାୟୀ ରହିଛି । ତେଣୁ ନୀତି ଆୟୋଗ ସହ ସବୁ ରାଜ୍ୟ ଆଲୋଚନା କରି ଲକ୍ଷ୍ୟ ହାସଲ କରିବା ଦିଗରେ କାମ କରିବା ଦରକାର। ଏହା ରାଜନୀତି ପାଇଁ ନୁହେଁ, ମାନବ ପାଇଁ ଉଦ୍ଦିଷ୍ଟ । ନିତି ଆୟୋଗ ପଂଚାୟତ ସ୍ତରକୁ ଯିବା ଦରକାର। ନ ହେଲେ ଠିକ ମାର୍କ ଜାଣି ହେବ ନାହିଁ । ତଥ୍ୟ ଗ୍ରାଉଣ୍ଡରୁ ଆସିବା ଦରକାର ବୋଲି ସେ କହିଛନ୍ତି । ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧାମୁକ୍ତି, ଉନ୍ନତ ଶିକ୍ଷା, ଲିଙ୍ଗଭିତିକ ସମାନତା ଓ ଆର୍ଥିକ ବିକାଶ କ୍ଷେତ୍ରରେ ଓଡ଼ିଶାର ରାଙ୍କ ତଳେ ରହିଛି। ଦାରିଦ୍ର୍ୟ ଦୂରୀକରଣ ତଳ ଆଡୁ ୩, କ୍ଷୁଧାମୁକ୍ତିରେ ତଳ ଆଡୁ ୬ , ଆର୍ଥିକ ବିକାଶରେ ତଳ ଆଡୁ ୨ ରେ ରହିଛି ଓଡ଼ିଶା। ଏ ସବୁକୁ ନେଇ ବିଜେଡି ସରକାରକୁ ୫ଟି ପ୍ରଶ୍ନ ପଚାରିଛନ୍ତି ଅପରାଜିତା। ପୂର୍ବରୁ ୬ଟି ପ୍ରଶ୍ନକୁ ମିଶାଇ ସମୁଦାୟ ୧୧ଟି ପ୍ରଶ୍ନର ଉତର ମାଗିଛନ୍ତି ଭୁବନେଶ୍ୱର ସାଂସଦ ।ଓଡ଼ିଶାରେ ଲୋକ ସଂଖ୍ୟାର ୩୩ ପ୍ରତିଶତ ଜାତୀୟ ଦାରିଦ୍ର୍ୟ ସୀମାରେଖା ତଳେ। ୨୦୧୯ରେ ସ୍ଥିତି ଯାହା ଥିଲା ଏବେ ବି ସେୟା ଅଛି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ଅନେକ ଲୋକ ଏବେ ବି କଚ୍ଚା ଘରେ ରହୁଛନ୍ତି । ଆମ ରାଜ୍ୟରେ ଏକ କୋଟି ବା ୧୪.୨ ପ୍ରତିଶତ ଘର କଚ୍ଚାଘର। ପଶ୍ଚିମବଙ୍ଗରେ କେବଳ ୬ ପ୍ରତିଶତ ,ଆନ୍ଧ୍ର ପ୍ରଦେଶରେ ୩.୨ ପ୍ରତିଶତ ଘର କଚ୍ଚାଘର। କେନ୍ଦ୍ର ସରକାର ଲକ୍ଷ ଲକ୍ଷ ଘର ଦେଉଛନ୍ତି। କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। କ୍ଷୁଧାମୁକ୍ତି ବିଭାଗରେ ୨୮ ରାଜ୍ୟ ତାଲିକାରେ ତଳ ଆଡୁ ୬ ନମ୍ବରରେ ଓଡ଼ିଶା। ପାଖାପାଖି ୪୮ ପ୍ରତିଶତ ମହିଳା ରକ୍ତହୀନତାରେ ପୀଡ଼ିତ। ୫ ବର୍ଷରୁ ଶିଶୁ ମଧ୍ୟରୁ ୨୯ ପ୍ରତିଶତ କୁପୋଷିତ। ପ୍ରାଥମିକ ଓ ମାଧ୍ୟମିକ କ୍ଷେତ୍ରରେ ସ୍କୁଲ ଗଲେ ସମାଜ ଶିକ୍ଷିତ ଆଡକୁ ଗତି କରେ। ୨୦୧୫-୧୬ ଠାରୁ ୮ ଲକ୍ଷ ପିଲା ସ୍କୁଲ ଗଲେ ନାହିଁ। ୫ ଲକ୍ଷ ଘରୋଇ ସ୍କୁଲକୁ ଗଲେ। ୩ ଲକ୍ଷ ପାଠ ଛାଡ଼ିଦେଲେ। ଦେଶର ୮୫ ପ୍ରତିଶତ ସ୍କୁଲରେ ପାଣି ଓ ବିଜୁଳି ଅଛି। ହେଲେ ରାଜ୍ୟରେ ମାତ୍ର ୬୮ ପ୍ରତିଶତ ସ୍କୁଲରେ ପାଣି ଓ ବିଦ୍ୟୁତ ଅଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଉଭୟ ନିଜ ନିଜ ଅଂଶ ଦେଉଛନ୍ତି, ତେବେ କେଉଁଠି ଭୁଲ ରହିଯାଉଛି। ୧୦୩.୫% ମହିଳାଙ୍କ ଉପରେ ଅପରାଧ ମାମଲା ସାମ୍ନାକୁ ଆସିଛି। ମହିଳାଙ୍କ ସୁରକ୍ଷା କ୍ଷେତ୍ର ବିଜେଡି ସରକାର କରିପାରୁନାହିଁ। ୮.୩ ପ୍ରତିଶତ ଅପରାଧୀଙ୍କୁ ଦଣ୍ଡ ମିଳୁଛି। ୨୦୧୫ରୁ କ୍ରମାଗତ ଭାବେ ମହିଳାମାନଙ୍କ ଉପରେ ଅପରାଧ ବଢ଼ିଚାଲିଛି ।ମେକ୍ ଇନ ଓଡ଼ିଶା ଭଳି ବିଭିନ୍ନ କାର୍ଯ୍ୟକ୍ରମ ସତ୍ତ୍ୱେ ଇଜ ଅଫ ଡୁଇଙ୍ଗ ବିଜନେସରେ ଶୂନ। ନୂତନ ଚିନ୍ତାଧାରା କ୍ଷେତ୍ରରେ ଓଡ଼ିଶା ୧୨ ଥିଲା ୧୪କୁ ଖସିଯାଇଛି। ପ୍ରତ୍ୟେକ ଲକ୍ଷେ ଲୋକଙ୍କ ପାଇଁ ୧୨ଟି ବ୍ୟାଙ୍କ ଓଡ଼ିଶାରେ ଅଛି। ଲକ୍ଷେ ଲୋକଙ୍କ ପାଇଁ ୧୬ଟି ଏଟିଏମ ଓଡ଼ିଶାରେ ଅଛି।










# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା




ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ



ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍ରେ ଗୋଟିଏ ରୁମ୍ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ହିନ୍ଦୁଙ୍କ ଆସ୍ଥା ଉପରେ ଆକ୍ରମଣ: ନୂଆ ପାକିସ୍ତାନର ନୂଆ ଚାଲ

ମାର୍ଚ୍ଚ ୨୮ ତାରିଖ ଦିନ ଦିନ ସଂଧ୍ୟା ସାତଟା ବେଳେ ପାକିସ୍ତାନ ରାଓ୍ୱଲପିଣ୍ଡି ସହରର ପୁରାନା କିଲା ଅଂଚଳରେ ଥିବା ଏକ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ମନ୍ଦିର ଉପରେ ଆକ୍ରମଣ ହୋଇଛି । ୧୦ରୁ ୧୫ ଜଣ ଆକ୍ରମଣକାରୀ ମନ୍ଦିର ମୁଖ୍ୟ ଫାଟକ ଏବଂ ଉପର ମହଲା ସହିତ ମନ୍ଦିରର ଅନେକ ସ୍ଥାନ ଭଙ୍ଗାରୁଜା କରିଛନ୍ତି । ‘ଡନ୍’ ଖବରକାଗଜ ଅନୁଯାୟୀ, ଇଭାକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ- Evacuee Trust Property Board (ଇଟିପିବି) ଉତ୍ତର ଜୋନ୍ ସୁରକ୍ଷା ଅଧିକାରୀ ସୟଦ ରଜା ଅବ୍ବାସ ଜାଇଦି ରାଓ୍ୱଲପିଣ୍ଡିର ବାନି ପୋଲିସ ଷ୍ଟେସନରେ ଅଭିଯୋଗ କରି କହିଛନ୍ତି ଯେ, ମନ୍ଦିର ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏହି ଆକ୍ରମଣ ହୋଇଛି । ମୁସଲିମ ସଂଖ୍ୟାଗରିଷ୍ଠ ଦେଶ ଭାବରେ ପାକିସ୍ତାନ ସାରା ବିଶ୍ୱରେ ଜଣାଶୁଣା । ଏହି ଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଅତି ଶୋଚନୀୟ । ବର୍ତ୍ତମାନ ଏଠାରେ ହିନ୍ଦୁ ମାନଙ୍କର ସଂଖ୍ୟା ସମୁଦାୟ ଜନସଂଖ୍ୟାର ୧.୬ ପ୍ରତିଶତ । ଭାରତରେ ସଂଖ୍ୟାଲଘୁମାନଙ୍କ ପାଇଁ ସଂରକ୍ଷଣ ସହିତ ଅନେକ କିଛି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ଧ୍ୟାନ ଦିଆଯାଉ ନାହିଁ । ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ସହିତ ସେମାନଙ୍କୁ ଧର୍ମାନ୍ତରୀତ କରାଯାଉଛି । ସେମାନଙ୍କର ଝିଅ ବୋହୁମାନଙ୍କୁ ଅପହରଣ କରି ନିଆଯାଉଛି । ମଠ, ମନ୍ଦିର ଓ ପବିତ୍ର ପୀଠମାନଙ୍କ ଉପରେ ଆକ୍ରମଣ ହେଉଛି ଏବଂ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଛି । ଏ ବିଷୟରେ ହିନ୍ଦୁମାନେ ଅଭିଯୋଗ କଲେ ମଧ୍ୟ କେହି ଶୁଣନ୍ତି ନାହିଁ କି ଶୁଣିବାକୁ କେହି ଲୋକ ନାହାଁନ୍ତି । ମାନବାଧିକାର ସଂଗଠନ କହିଛି ଯେ, ଏଥିପାଇଁ ଅନେକ ହିନ୍ଦୁ ପାକିସ୍ତାନ ଛାଡି ଚାଲି ଯାଉଛନ୍ତି । ଯେଉଁମାନେ ରହି ଯାଉଛନ୍ତି, ସେମାନଙ୍କର ଧର୍ମ ସ୍ଥଳୀକୁ ନଷ୍ଟ କରି ଦିଆଯାଉଛି । ଲ୍ୟାଣ୍ଡ ଜିହାଦ ବୃଦ୍ଧି ପାଇଛି । ଜମି ମାଫିଆମାନେ ହିନ୍ଦୁମାନଙ୍କର ଜମିକୁ ଜବର ଦଖଲ କରି ନେଉଛନ୍ତି । ସିନ୍ଧର ଲ୍ୟାଣ୍ଡ ଜିହାଦିମାନେ ମିଥ୍ୟା ‘ପାଓ୍ୱାର ଅଫ୍ ଆଟର୍ଣ୍ଣି’କରି ସେମାନଙ୍କର ଜମି ଅଧିକାର କରି ନେଉଛନ୍ତି । ଏକ୍ସପ୍ରେସ ଟ୍ରିବ୍ୟୁନ (The Express Tribune) ରିପୋର୍ଟ ଅନୁଯାୟୀ, ପାକିସ୍ତାନରେ ୨୦୧୪ ସୁଦ୍ଧା ୯୫ ପ୍ରତିଶତ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରି ଦିଆଯାଇଛି । ତଥ୍ୟ ଅନୁଯାୟୀ ୧୯୯୦ ପରଠାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ୪୨୮ଟି ଧର୍ମପୀଠ ମଧ୍ୟରୁ ୪୦୮ଟି ଭାଙ୍ଗି ଦିଆଯାଇଛି । ତା’ ଉପରେ ସମାଧି, ଶୌଚାଳୟ, ଦୋକାନ, ରେଷ୍ଟୁରାଂଟ, ସରକାରୀ ଅଫିସ ଓ ବିଦ୍ୟାଳୟ ଗଢି ଉଠିଛି । ସେଠାରେ କେବଳ ୨୦ଟି ଧର୍ମପୀଠ ଅଛି ଯେଉଁଠାରେ ପୂଜା ପାଠ କରାଯାଉଛି । ଅନେକ କେତେକ ମନ୍ଦିର ଅଛି ସେଠାକୁ ଯିବା ପାଇଁ ବାଟ ବନ୍ଦ କରି ଦିଆଯାଇଛି । ଯାହାଫଳରେ ସେଠାକୁ କେହି ପୂଜା ପାଠ କରିବା ପାଇଁ ଯାଇ ପାରିବେ ନାହିଁ । ଏକ୍ସପ୍ରେସ ଟ୍ରିବ୍ୟୁନର ଏକ ରିପୋର୍ଟ ଅନୁଯାୟୀ,ଡେରା ଇସମାଇଲ ଖାନରେ ଥିବା କାଳୀ ବରୀ ହିନ୍ଦୁ ମନ୍ଦିରକୁ ଜଣେ ମୁସଲମାନଙ୍କୁ ଭଡା ଦିଆଯାଇଛି । ସେମାନେ ସେହି ମନ୍ଦିରକୁ ତାଜମହଲ ହୋଟଲ ଭାବରେ ବ୍ୟବହାର କରୁଛନ୍ତି ।

ପାକିସ୍ତାନର କରାଚିରେ ଥିବା ୧୦୦୦ ବର୍ଷର ପୁରାତନ ବରୁଣ ମନ୍ଦିର ଶୌଚାଳୟ ଭାବରେ ବ୍ୟବହୃତ । ଏହି ମନ୍ଦିର ପାକିସ୍ତାନ ପାଇଁ ଏକ ଐତିହାସିକ ପୀଠ ହେବା କଥା । କିନ୍ତୁ ଏହା ହେଲା ନାହିଁ । ୨୦୦୮ରେ ଡେଲି ଟାଇମ୍ସ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ମନ୍ଦିରର ଏକ ଅଂଶ ଶୌଚାଳୟ ଭାବେ ବ୍ୟବହୃତ ହେଉଛି । ଏଠାରେ ୧୯୫୦ ମସିହାରେ ହିନ୍ଦୁମାନେ ଲାଲ ସାଇ ବରୁଣ ଦେବଙ୍କ ଶେଷ ପର୍ବ ପାଳନ କରିଥିଲେ । ଯେତେବେଳେ ଏ ଖବର ସାରା ବିଶ୍ୱରେ ପ୍ରଚାରିତ ହେଲା ସେତେବେଳେ ମନ୍ଦିରର ପୁନରୁଦ୍ଧାର ଖବର ସାମ୍ନାକୁ ଆସିଲା । ସେହିପରି ପାକିସ୍ତାନ ଖାଇବର ପାଖ୍ତୁନଖ୍ୱା କରକର ଜିଲ୍ଲାର ଏକ ଛୋଟ ଗାଁ ଟେରିରେ କୃଷ୍ଣ ମନ୍ଦିର ଥିଲା । ଏହାର ଚତୁଃପାର୍ଶ୍ୱରେ ଘରଦ୍ୱାର କରି ଦିଆଯାଇଥିଲା । ମନ୍ଦିରର ପ୍ରବେଶ ପଥକୁ ମଧ୍ୟ ବନ୍ଦ କରି ଦିଆଯାଇଥିଲା । ଏବେ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଜୋର ସୋର ଆନ୍ଦୋଳନ ଚାଲିଛି । ଏହିପରି ଅନେକ ଘଟଣା ଅଛି । ପାକିସ୍ତାନ ହିନ୍ଦୁ ପରିଷଦ ଅନୁଯାୟୀ, ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କର ୧୪୦୦ରୁ ଅଧିକ ପବିତ୍ର ସ୍ଥାନ ବା ଧର୍ମପୀଠ ଅଛି ଯାହାର ଚିହ୍ନବର୍ଣ୍ଣ ନାହିଁ । ସେହି ପବିତ୍ର ପୀଠଗୁଡ଼ିକ ଉପରେ ଦୋକାନ, ଗୋଡାଉନ ଆଦି ତିଆରି ହୋଇଛି । କିଛି ବର୍ଷ ପୂର୍ବେ କରାଚିର ଜଣେ ସାମ୍ବାଦିକ ତଥା ଲେଖକ ରେମା ଅବାସି (Reema Abbasi) ତାଙ୍କର ପୁସ୍ତକ ‘ପାକିସ୍ତାନରେ ଐତିହାସିକ ମନ୍ଦିର-ଏ କଲ୍ ଟୁ କନ୍ସାଇନ୍ସ’ (Historic Temples in Pakistan: A Call to Conscience)ରେ ପାକିସ୍ତାନରେ ଥିବା ମନ୍ଦିରଗୁଡ଼ିକର ସୁନ୍ଦର ସୁନ୍ଦର ଫଟୋଗୁଡ଼ିକ ପ୍ରକାଶିତ କରିଛନ୍ତି । ଏବେ ସେହି ବହିରେ ଥିବା ମନ୍ଦିରଗୁଡ଼ିକ ପାକିସ୍ତାନରେ ଦେଖିବାକୁ ମିଳୁନାହିଁ । ଖନନ ଦ୍ୱାରା ମିଳୁଥିବା ହିନ୍ଦୁ ମୂର୍ତ୍ତି ଏବଂ କଳାକୃତିକୁ ପାକିସ୍ତାନ ଗ୍ରହଣ କରିବାକୁ ନାରାଜ । ଦେଶର ସରକାର ଅଣ-ଇସଲାମିକ ଐତିହ୍ୟକୁ ଗ୍ରହଣ କରିବାକୁ ସର୍ବଦା ପଛଘୁଂଚା ଦେଉଛି । ଭାରତ ବିଭାଜନ ପରେ ପାକିସ୍ତାନରେ ଶହ ଶହ ମନ୍ଦିର ହଠାତ ବିନା ଶବ୍ଦରେ ଅଦୃଶ୍ୟ ହୋଇଗଲେ । ସେ ସ୍ଥାନରେ ଅନେକ ମସଜିଦ, ଦୋକାନ ଏବଂ ଅନ୍ୟାନ୍ୟ ଅଟ୍ଟାଳିକାଗୁଡ଼ିକ ଗଢି ଉଠିଲା । ଅତୀତକୁ ଲିଭାଇବାକୁ ଏଠାରେ ପ୍ରୟାସଗୁଡ଼ିକ ସ୍ପଷ୍ଟ ହୋଇଛି । ପାକିସ୍ତାନରେ ସଂଖ୍ୟାଲଘୁମାନଙ୍କ ଧର୍ମପୀଠଗୁଡ଼ିକୁ ଭାଙ୍ଗିବା ଏବଂ ତା’ ଉପରେ ନୂଆ ଢାଂଚା ତିଆରି କରିବା କିଛି ନୂଆ କଥା ନୁହେଁ । ପ୍ରତିମାସରେ ଗଣମାଧ୍ୟମରେ ପ୍ରକାଶ ପାଉଛି ପାକିସ୍ତାନରେ ମନ୍ଦିର ଭଙ୍ଗା ଯାଇ ମସଜିଦ୍ ନିର୍ମାଣ ଚାଲିଛି । ପଡୋଶୀ ଦେଶ ସହିତ ଶାନ୍ତି ବିଷୟରେ କଥା ହେବା କିନ୍ତୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା । ଏହା ହେଉଛି ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନର ନୂଆ ଚାଲ । ବିଶେଷ କରି ମନ୍ଦିର ଉପରେ ଆକ୍ରମଣ କରିବା ପାକିସ୍ତାନରେ ଏକ ପ୍ରକାର ଧାରା ହୋଇ ସାରିଛି । ବିଶ୍ୱ ଦରବାରରେ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେଉଛି ବୋଲି କହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଥିବା ଇମ୍ରାନ୍ ଖାନଙ୍କ ନୂଆ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ, ଅତ୍ୟାଚାର ଓ ମନ୍ଦିର ଭଙ୍ଗା ଘଟଣା ବିଶ୍ୱରେ ପାକିସ୍ତାନର ଭାବମୂର୍ତ୍ତିକୁ ନଷ୍ଟ କରିଦେଇଛି ।

**ଗୋଲଖ ଚନ୍ଦ୍ର ଦାସ,**
**ଘିଗିଡିଆ, ବାରୁଅ,କେନ୍ଦ୍ରାପଡା ।**
**ମୋ-୯୮୬୧୦୨୮୫୫୩**


# ପାଣି ପାଇଁ ଛଟପଟ ୫୦ ପରିବାର, ପାନୀୟ ଜଳ ପ୍ରକଳ୍ପ ଅଚଳ



ଆନନ୍ଦପୁର (ପିଏନ୍): ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ପ୍ରତ୍ୟେକ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି । ଗାଁରେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଉଛି । ବିଭିନ୍ନ ସ୍ଥାନରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ କରାଯାଇ ଜଳ ଯୋଗାଣ କରାଯାଉଛି । ହେଲେ ଗ୍ରୀଷ୍ମ ଆରମ୍ଭରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇଯାଇ ଥିବାରୁ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ପଦନପୁର ଗ୍ରାମର ୫୦ ପରିବାର ମାସେ ହେଲା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ପଦନପୁର ଗ୍ରାମବାସୀଙ୍କ ଜଳ ଯୋଗାଣ ପାଇଁ ଏକ ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଓଭରହେଡ୍ ଟାଙ୍କି ବସାଯିବା ସହ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା । କିନ୍ତୁ ଆଜକୁ ମାସେ ହେଲା ପ୍ରକଳ୍ପ ଅଚଳ ହୋଇ ପଡିଥିବାରୁ ଗ୍ରାମର ୫୦ ପରିବାର ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବାଧ୍ୟ ହୋଇ ଲୋକମାନେ କୂଅ ଏବଂ ପୋଖରୀ ପାଣିକୁ ବ୍ୟବହାର କରୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପ୍ରକଳ୍ପ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ବିଷାକ୍ତ ବିଚାରଧାରା

**ମୂଳଲେଖା-ଡା. ରାଜିବ ମିଶ୍ର, ଅନୁବାଦ-ଇଂ. ବିଦ୍ୟାଧର ପଣ୍ଡା**



ମାନନୀୟା ରଶ୍ମିରେଖା ମହାରଣାଙ୍କ ସୁଦୟାରୁ ମୋତେ କିଛି ଦିନ ତଳେ ଗୋଟିଏ ଅଦ୍ଭୁତ ପୁସ୍ତକର ସଂସ୍ପର୍ଶରେ ଆସିବାର ସୁଯୋଗ ମିଳିଲା । ମୂଳ ପୁସ୍ତକଟି ହିନ୍ଦୀଭାଷାରେ ଏବଂ ଏହାର ଲେଖକ ଡା. ରାଜିବ ମିଶ୍ର, ଏବେ ବିଦେଶରେ ରହୁଛନ୍ତି । ବହିର ନାଁ ‘ବିଷାକ୍ତ ବାମପନ୍ଥ’ ଏବଂ ଏହାର ଦ୍ୱିତୀୟ ସଂସ୍କରଣ ବହୁତ ଶୀଘ୍ର ବଜାରକୁ ଆସିପାରେ । ମୋର ସୌଭାଗ୍ୟ ଯେ ରାଜିବଭାଇ ମୋ ପାଖକୁ ତାଙ୍କର ପାଣ୍ଡୁଲିପିର ଏକକୀତା ନକଲ ପଠାଇଛନ୍ତି । ପ୍ରଥମ ସଂସ୍କରଣଟି ମୋ ମତରେ ସାମ୍ପ୍ରତିକ ପରିସ୍ଥିତି ପାଇଁ ଏକ ଅମୂଲ୍ୟ ରତ୍ନ । ପୁସ୍ତକଟିକୁ ଅଧ୍ୟୟନ ପରେ କାହାର ବି ବିଚାରଧାରାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସ୍ୱାଭାବିକ୍ । ତେଣୁ ତୁରନ୍ତ ବଡଭାଇ ଡା. ରାଜିବ ମିଶ୍ରଙ୍କର ଅନୁମତି ଭିକ୍ଷା କରି ଏହାର ଅନୁବାଦ କର୍ମରେ ଏବେ ନିଜକୁ ଲିପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଛି । ଏହି ଯାତ୍ରାରେ ମାନନୀୟା ରଶ୍ମିରେଖା ମହାରଣା ଭଉଣୀଙ୍କର ପ୍ରୋତ୍ସାହନ ମିଳୁଥିବାରୁ, ତାଙ୍କୁ ଅନେକ ଅନେକ ଧନ୍ୟବାଦ । ଆଜିର ଏହି ଆଲେଖ୍ୟରେ ମୁଁ କେବଳ ପ୍ରଥମ ସଂସ୍କରଣ ପୁସ୍ତକଟିର ଭୂମିକାଟିକୁ ଅନୁବାଦ କରି ମୋର ଶ୍ରଦ୍ଧେୟ ପାଠକମାନଙ୍କୁ ଭେଟିଦେବାକୁ ପ୍ରୟାସ କରିଛି ।

‘ଇତିହାସ ପରି ପ୍ରମୁଖ ଜିନିଷକୁ ଇତିହାସକାରଙ୍କ ଭରସାରେ ଛଡାଯାଇ ପାରେନା’ ଉକ୍ତିଟିରେ ଅୟଂ ଆରମ୍ଭ ପୁସ୍ତକଟିର ଭୂମିକା ବି ବହୁତ ସୁନ୍ଦର ହୋଇଛି । ଲେଖକ ଆଲୋଚନା ଶୈଳୀରେ ଲେଖିଛନ୍ତି, ‘‘ବାମପନ୍ଥ ଉପରେ ଏକ ପୁସ୍ତକ କାହିଁକି ଲେଖିବା ? ଯାହା ଘଟିଗଲା, ଚାଲି ଗଲା, ସରି ଗଲା, ଆପେଆପେ ଖର୍ଚ୍ଚ ହୋଇଗଲା ତା ଉପରେ ଆଉ ଚିନ୍ତନମନ୍ଥନ କରି ସମୟ ନଷ୍ଟ କରିବା କ’ଣ ନିହାତି ଦରକାର ? ବାମପନ୍ଥ ବିଷୟରେ ଲିଖିତ ପୁସ୍ତକ କାହାର ବା ପସନ୍ଦ ହେବ ! ତା’କୁ ପଢିବ କିଏ ? ଆଜି ବାମପନ୍ଥ ଆଉ ଅଛି କେଉଁଠି ଯେ କିଏ ତାର ଆଦର ସତ୍କାର କରିବାକୁ ଚାହିଁବ ?’’ ଋଷିଆରେ ବାମପନ୍ଥ ଥିଲା, ପୂର୍ବ ୟୁରୋପରେ ଥିଲା, କୋରିୟା ଏବଂ କ୍ୟୁବାରେ ବଂଚିଛି, ଚୀନ୍‌ରେ ରଙ୍ଗରୂପ ବଦଳେଇ ପୁଂଜିବାଦ (କ୍ୟାପିଟାଲିଜିମ୍) ସାଙ୍ଗରେ ବଢିବାରେ ଲାଗିଛି, ହେଲେ ଆମର ସେଥିରେ ଯାଏ ଆସେ କେତେ !

ଭାରତରେ ଇଏ ପଶ୍ଚିମବଙ୍ଗରୁ ଉଜୁଡିଗଲା, ତ୍ରିପୁରାରେ ନଷ୍ଟ ହୋଇଗଲା, କାଲି କି ପଅରଦିନ କେରଳରେ ବି ମରିଯିବ, ତେଣୁ ୟା’ କଥା କ’ଣ ଆଉ କହିବା ! ଭାରତବାସୀଙ୍କ ପାଇଁ ବୋଧହୁଏ ଏହା ଗ୍ରହଣୀୟ ନୁହେଁ, ସବୁଜାଗାରେ ୟାକୁ ଦୂର୍‌ଦୂର୍ ମାର୍‌ମାର୍ କଲେ । ମଦ ପିଇକି କେଉଁ ନାଳରେ ପଡିଛି, କେଉଁ ବୁଦ୍ଧିଜୀବୀଙ୍କର ବହିଥାକରେ କିମ୍ବା ଅଡୁଆ ଦାଢିରେ ରହି ଯେ ଆମର କ’ଣ କ୍ଷତିକରୁଛି ଯେ ଆମେ ଏହା ବିଷୟରେ ଆଜି ଏମିତି ଏତେ ଗୁରୁତ୍ୱ ଦେଉଛେ ! ଏହି ପରିସ୍ଥିତିରେ ବାମପନ୍ଥ କାହିଁକି ପ୍ରାସଙ୍ଗିକ ! ସତରେ କ’ଣ ବାମପନ୍ଥ ପରାଜୟ ବରଣ କରିସାରିଛି ? କିମ୍ବା ଏହା କେବଳ ରୂପ ବଦଳେଇ ଦେଇଛି ଏବଂ ଏକ ରାଜନୈତିକ ଆନ୍ଦୋଳନ ପରିବର୍ତ୍ତେ ଏକ ସାମାଜିକ ଶକ୍ତି ହିସାବରେ ଆଜି ବି ସତ୍ତା ଭୋଗ କରୁଛି ? କିଶୋରାବସ୍ଥାରେ ପ୍ରାୟ ଲୋକ ବାମପନ୍ଥୀ ରାଜନୀତି ଏବଂ ସେହି ବିଚାରଧାରାର କୌଣସି ନା କୌଣସି କୂଳକୁ ଛୁଇଁଥାନ୍ତି । ପ୍ରତ୍ୟେକ ଯୁବକ ଊଣା ଅଧିକେ ବାମପନ୍ଥୀ ହୋଇଥାନ୍ତି । କିନ୍ତୁ ଅଧିକାଂଶ ସୁସ୍ଥ ମାନସିକତାବାଲା ଲୋକ ଏଥିରୁ ବାହାରକୁ ବାହାରି ପଡି ବଡ ହୋଇଯାଆନ୍ତି । ତଥାପି ବହୁତ ଲୋକ କୌଣସି ନା କୌଣସି ରୂପରେ ବାମପନ୍ଥୀ ବିଚାର ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହୋଇ ସବୁଦିନ ପାଇଁ ରହିଯାନ୍ତି । ସେମାନେ ଏହି ସାମାନ୍ୟ ସାମାଜିକ ବିଚାରବଳ ଦ୍ୱାରା ବାମପନ୍ଥ ସମାଜକୁ ସଂଚାଳିତ କରୁଥାନ୍ତି ଏବଂ ନିଜର ବିଷାକ୍ତ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସମର୍ଥ ହୁଅନ୍ତି ।

ନିଜର ଯୁବାବସ୍ଥା ମହାବିଦ୍ୟାଳୟରେ ପଠନ କାଳରେ ମୁଁ ବି ବାମପନ୍ଥୀ ଥିଲି । କିନ୍ତୁ ଧିରେଧିରେ ବୁଦ୍ଧିର ବିକାଶ ହେବାରୁ ଏଥିରୁ ବାହାରି ଆସିଲି ବୋଲି ବଂଚିଗଲି । ହେଲେ ନିଜର ସେହି ବାମପନ୍ଥୀ ମନସ୍ଥିତି ବିଚାରକୁ ମୁଁ ବନ୍ଦ କରି ପାରିଲିନି । ବିଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରେ ଲେଖାଲେଖି କରିବା ଭିତରେ ମୁଁ ମୋ ନିଜର ଅନ୍ତଃକରଣ ଦୃଷ୍ଟି ଏବଂ ମନକୁ ସମୃଦ୍ଧ କରିବାକୁ ଲାଗିଲି, ପରେ ମୋତେ ସବୁକିଛି ସ୍ପଷ୍ଟ ହେବାରେ ଲାଗିଲା । କିନ୍ତୁ ମୁଁ ଯଦି ଏହି ବହିର ଶ୍ରେୟ କେବଳ ନିଜେ ନେବାକୁ ଚେଷ୍ଟା କରିବି ତେବେ ଏହା ମୋ ପକ୍ଷରେ ବୌଦ୍ଧିକ ବେଇମାନୀ ହେବ । ମୋର ଦୃଷ୍ଟିକୁ ଅଧିକ ସ୍ପଷ୍ଟ କରିବାର ଶ୍ରେୟ ଆଦରଣୀୟ ବଡଭାଇ ଶ୍ରୀ ଆନନ୍ଦ ରାଜାଧ୍ୟକ୍ଷ ମହାଶୟଙ୍କୁ ଯାଇପାରେ । ମୋତେ ସର୍ବଦା ତାଙ୍କର ବୌଦ୍ଧିକ ଏବଂ ସୁବିଚାରର ମାର୍ଗଦର୍ଶନର ସୌଭାଗ୍ୟ ମିଳିଛି ଏବଂ ତାଙ୍କ ସହିତ ଘଂଟାଘଂଟା ଧରି ବିଚାରବିମର୍ଷ କଲାପରେ ଯାଇ ମୁଁ ଏହି ପୁସ୍ତକର ବିହନ ବୁଣିବାରେ ସମର୍ଥ ହୋଇଛି । ଯଦି ଏହି ପୁସ୍ତକ ଏକ ବହୁବିଧ ବିଚାରର ଫସଲ ହୋଇଥାଏ ତେବେ ଏହାର ବୁଣିବା ଏବଂ ଖତପାଣି ଦେଇ ବଂଚାଇବାର ଶ୍ରେୟ ଆନନ୍ଦଜୀ ଭାଇଙ୍କୁ ହିଁ ଯିବ । ମୁଁ ତ କେବଳ ହିଡ ଏବଂ ବାଡଟିଏ ଏହା ଚାରିପଟେ ବାନ୍ଧି ଏହାର ଜଗୁଆଳି ପରି କାମ କରିଛି ଏବଂ ଆଜି ଏହି ଫସଲ କାଟିବାକୁ ବସିଛି ।

ମହାବିଦ୍ୟାଳୟରେ ପଢିବା ସମୟରେ ମୋତେ ବି ମୋର ବିଚାର ଶକ୍ତିର କ୍ରମବିକାଶ କରିବାକୁ ଅନେକ ସାଥୀ ମିଳିଗଲେ । ସନ୍ଧ୍ୟାର ଲମ୍ବା ଆସରର ଚା’ପିଆ ଖଟିରେ ଏବଂ ତାସପାଲି ପଡିବା ଭିତରେ ଲମ୍ବାଲମ୍ବା ରାଜନୈତିକ ତର୍କବିତର୍କ ମୋତେ ସମ୍ଭାଳିଲା, ବଦଳେଇଲା ଏବଂ ପ୍ରକୃତ କଥା ବୁଝେଇବାରେ ମୋ ବାମପନ୍ଥୀ ମନକୁ ସାହାଯ୍ୟ କଲା । ଯଦି ମୁଁ ସେତେବେଳର ମେଡିକାଲ କଲେଜରେ ଅନେକ ସହପାଠୀଙ୍କୁ ମନେ ନପକାଏ ତେବେ ଅନ୍ୟାୟ ହେବ । ମନିଷ ଖାନ୍ନା, ଧୀରଜ ସୈନୀ, ସୁନୀଲ ରୈନା, ଦିନେଶ ତ୍ରିପାଠୀ, ଅଜୟ ଭାରଦ୍ୱାଜ, ଆପଣମାନଙ୍କୁ କେତେ ସନ୍ଧ୍ୟାରେ ଏ ପୁସ୍ତକର କେତେ ବିଷୟକୁ ନେଇ ହଇରାଣ କରିଛି ଗଣନା କରି ହେବନି । ଜାମସେଦ୍‌ପୁରରେ ଅଭ୍ୟୁଦୟ ଏବଂ ପୂର୍ବସୈନିକ ସେବା ପରିଷଦର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ମୋର ଏହି ବିଚାରଯାତ୍ରାର ସାକ୍ଷୀ ଅଛନ୍ତି ଏବଂ ତାଙ୍କର ବୈଚାରିକ ସାମାଜିକ ପ୍ରତିବଦ୍ଧତା ସଦାସର୍ବଦା ମୋ ପାଇଁ ପ୍ରେରଣାର ସ୍ରୋତ ରହିଥିବେ । ସେ ନିଜେ ଜମି ଉପରେ ସ୍ଥିର ରହି ମୋତେ ମୁକ୍ତାକାଶରେ ଉଡାଣ ଭରିବା ପାଇଁ ପ୍ରୋତ୍ସାହନ ଦେଉଥିଲେ । ତଥାପି ମୋତେ କେବେ ବି ମୂଳରୁ ଅଲଗା ହେବାକୁ ଦେଇନାହାନ୍ତି । ପ୍ରାୟ ଏ ସମଗ୍ର ପୁସ୍ତକ ଭିନ୍ନଭିନ୍ନ ସମୟରେ ଫେସ୍‌ବୁକ ପୃଷ୍ଠାର ଅଂଶ ହୋଇଛି । ମୋର ଯେଉଁ ହଜାର ହଜାର ସାଙ୍ଗ ସେଠାରେ ମୋର ଏହି କୃତିକୁ ପଢି ଲାଇକ୍ ଏବଂ ସେୟାର କରି ଏପରି ଏକ ପୁସ୍ତକ ଲେଖିବା ପାଇଁ ମୋତେ ପ୍ରୋତ୍ସାହନ ଦେଇଛନ୍ତି, ଏ ପୁସ୍ତକ ମୂଳତଃ ସେହିମାନଙ୍କର ସମ୍ପତ୍ତି ।

ପ୍ରତ୍ୟେକ ବିବାହିତ ବ୍ୟକ୍ତିମାନଙ୍କ ପରି ନିଜର ଉପଲବ୍ଧି ପାଇଁ ଯଦି ମୁଁ ମୋର ଧର୍ମପତ୍ନୀଙ୍କୁ ଶ୍ରେୟ ନଦିଏ ତେବେ ମୋର ତାଙ୍କ ସହ ଗୋଟିଏ ଛାତତଳେ ବଂଚିବାର ଉପାୟ ନାହିଁ । ପଲ୍ଲବୀର ଶ୍ରେୟ କେବଳ ତା ଭାଗ ସମୟରୁ କାଟି ମୁଁ ଏ ପୁସ୍ତକ ଲେଖିଛି ଏବଂ ସିଏ ମୋତେ କେବଳ ଲେଖିବା ପାଇଁ ଦେଲା ତାହା ନୁହେଁ, ସେ ମୋର ବିଚାରଯାତ୍ରାର ଏକ ବଡ ସହଭାଗିନୀ ଏବଂ ବିରାଟ ସମ୍ବଳ । ଏହି ବାହାନା ବହୁତ ହେବ କି ପଚିଶ ବର୍ଷ ପୂର୍ବେ ଯେବେ ଆମ ଦୁହିଁଙ୍କର ମିଳନ ହେଲା ସେତେବେଳେ ମୁଁ ବାମପନ୍ଥୀ ଥିଲି । ପରେ ଆମ ଭିତରେ ପ୍ରେମାଳାପ ସହ ଧିରେଧିରେ ମୁଁ ରାଷ୍ଟ୍ରବାଦୀ ହେବାକୁ ଆରମ୍ଭ କଲି, ଏହା କେବଳ ମାତ୍ର ଏକ ସଂଯୋଗ ନୁହେଁ । ଏ ପୁସ୍ତକ ଲେଖାଯିବା ପୂର୍ବରୁ ଏହାର ଅଧିକାଂଶ ଭାଗ ଏକ ବହୁତ ଶିକ୍ଷିତ, ଦକ୍ଷ ଏବଂ ଉତ୍ତମ ବୁଦ୍ଧିସମ୍ପନ୍ନ କିଶୋର ସହ କଥାବାର୍ତ୍ତା ମାଧ୍ୟମରେ ବିକଶିତ ହୋଇଛି । ସିଏ ମୋର ସୁପୁତ୍ର ସିଦ୍ଧାର୍ଥ । ଏ ପୂରା ପୁସ୍ତକ ମୂଳତଃ ସିଦ୍ଧାର୍ଥ ଏବଂ ସେହି ଯୁବାପିଢିଙ୍କ ପାଇଁ ଚିନ୍ତା ଏବଂ ସଂସ୍କାରଗୁଡ଼ିକ ଉପରେ ଚାଲିଥିବା ବୈଚାରିକ ପ୍ରତିକାରର ବ୍ୟାକୁଳତା ଉପରେ ଆଧାରିତ । ମୋର ପ୍ରୟାସ ଏହି ପୁସ୍ତକ ସମସ୍ତ ଯୁବପିଢିଙ୍କ ହାତକୁ ପହଁଚୁ, ତାଙ୍କର ବିଚାର ପ୍ରକ୍ରିୟାର ଅଂଶବିଶେଷ ହେଉ ଏବଂ ସେମାନଙ୍କୁ ବାମପନ୍ଥ ବିଷଠାରୁ ବଂଚେଇବାରେ ସହାୟକ ହେଉ । ସେହି ଭବିଷ୍ୟତ ପିଢିକୁ ମୋର ଏହି ପୁସ୍ତକ ସମର୍ପଣ କରୁଛି । **(କ୍ରମଶଃ...)**

**ଇଂ. ବିଦ୍ୟାଧର ପଣ୍ଡା**
**ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି,**
**ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି,**
**ଭୁବନେଶ୍ୱର-୭୫୧୦୧୯, ମୋ-୯୪୩୯୧୨୮୦୫୦/ ୭୯୭୮୦୧୯୦୮୧, bdpanda1@gmail.com**

# ଏମ୍.ବି.ବି.ଏସ୍‌ର ଶେଷବର୍ଷରେ ଏଫ୍.ଏମ୍.ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଡଃ ବିଦିଶା ପଣ୍ଡାଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ



ଭୁବନେଶ୍ୱର (ପିଏନ୍): ନିଷ୍ଠା, ଅଧ୍ୟବସାୟ, ଦୃଢ ମନୋବଳ ତଥା ପ୍ରତିକୂଳ ପରିବେଶରେ ନିଜକୁ ଖାପ ଖୁଆଇ ଆଗକୁ ବଢିବାର ଦୃଢ ଇଚ୍ଛାଶକ୍ତି ନିଶ୍ଚିତ ସଫଳତା ଆଣିଦିଏ ଏହା ପ୍ରମାଣିତ କରିଛନ୍ତି ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଆସୁଥିବା ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ବରିଷ୍ଠ ସଭ୍ୟ ତଥା କିଟ୍ ବିଦ୍ୟାଳୟରେ କାର୍ଯ୍ୟରତ ଶ୍ରୀ ବିଶ୍ୱନାଥ ପଣ୍ଡା ତଥା ମନୋରମା ପଣ୍ଡାଙ୍କ ସୁପୁତ୍ରୀ ଡଃ ବିଦିଶା ପଣ୍ଡା । ଏକ ନିମ୍ନମଧ୍ୟବି ପରିବାରର ସମସ୍ତ ପ୍ରତିକୂଳ ପରିବେଶକୁ ପଛରେ ପକାଇ ଡାକ୍ତର ହୋଇ ଜନମାନସର ସେବା କରିବାର ଦୃଢସଂକଳ୍ପକୁ ସଫଳତାର ସହ ପୂରଣ କରିଛନ୍ତି ବିଦିଶା । ୨୦୧୯-୨୦ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କଟକସ୍ଥିତ ଏସ୍.ସି.ବି ମେଡିକାଲ କଲେଜରୁ ଏମ୍.ବି.ବି.ଏସ୍ ଡିଗ୍ରୀ ସଫଳତାର ସହ ଉ ର୍ତ୍ତ ହୋଇ ବ ମାନ ହାଉସ୍ ସର୍ଜନ ଭାବେ କାର୍ଯ୍ୟରତ ବିଦିଶା ଏଫ୍, ଏମ୍. ଟି ବିଭାଗରେ ସର୍ବାଧିକ ନମ୍ବର ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଭାରତର ମହାମହିମ ଉପରାଷ୍ଟ୍ରପତିଙ୍କ ସଦୟ ଉପସ୍ଥିତିରେ ସଦ୍ୟ ସମାହିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବ ନ ଉତ୍ସବରେ ରାଜ୍ୟର ମାନ୍ୟବର ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ ଅରୁଣ ସାହୁଙ୍କ ଠାରୁ ପଦକ ତଥା ମାନପତ୍ର ଗ୍ରହଣ କରିଛନ୍ତି ବିଦିଶା । ପ୍ରକାଶ ଥାଉକି, ବିଦିଶା ଡି.ଏ.ଭି. ପବ୍ଲିକ୍ ସ୍କୁଲ ଚନ୍ଦ୍ରଶେଖରପୁରରୁ ଦଶମ, କିଟ୍ ଇ ରନ୍ୟାସନାଲ ସ୍କୁଲରୁ ଦ୍ୱାଦଶ ଏବଂ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ସଫଳତାର ସହ ଉ ର୍ତ୍ତ ହୋଇ ଏସ୍.ସି.ବି. ମେଡିକାଲ କଲେଜରେ ଡାକ୍ତରୀ ଶିକ୍ଷା ପାଇଁ ସ୍ଥାନ ପାଇ ଆଜି ସଫଳତାର ଶିର୍ଷରେ ପହ ପାରିଛନ୍ତି । ଏଥି ସହ ବିଦିଶା ତାଙ୍କର ସମସ୍ତ ଦୁଃଖ ଓ କଷ୍ଟକୁ ପଛରେ ପକାଇ ନିଜ ଅଧ୍ୟବସାୟ ତଥା ଜନହିତକର କାର୍ଯ୍ୟପାଇଁ ରାଜୀବ୍ ଗାନ୍ଧୀ ସଦ୍‌ଭାବନା ସମ୍ମାନ, ମଦର ଟେରେସା ଶାନ୍ତି ସମ୍ମାନ, ବିବେକାନନ୍ଦ ଆନ୍ତର୍ଜାତୀୟ ସମ୍ମାନ ଇତ୍ୟାଦିରେ ପୁରସ୍କୃତ ହୋଇଛନ୍ତି । ବିଦିଶା ପାଠ ବ୍ୟତିତ ନୃତ୍ୟ, ସଂଗୀତ, କୁଇଜ୍ ଏବଂ ଲେଖା ଲେଖିରେ ମଧ୍ୟ ରୁଚି ରଖିଆସୁଛନ୍ତି । ବିଦିଶାଙ୍କର ଏହି ସଂଘର୍ଷମୟ ଜୀବନ ଯାତ୍ରା ପାଇଁ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ମଧ୍ୟ ସେ ସମ୍ମାନିତ ହୋଇଛନ୍ତି । ବିଦିଶାଙ୍କ ଏହି ସଫଳତାରେ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ, ଅନ୍ୟାନ୍ୟ ସଭ୍ୟବୃନ୍ଦଙ୍କ ସହ ଅ ଳର ବୁଦ୍ଧିଜୀବି ତଥା ଜନସାଧାରଣ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ କୋଟି କୋଟି ଟଙ୍କା ହେରଫେର: ଭିଜିଲାନ୍ସ ତଦନ୍ତ ଦାବୀ କଲେ ସଦର ବିଧାୟକ

କେନ୍ଦୁଝର (ପିଏନ୍): ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ କୋ-ଅପରେଟିଭ ସୋସାଇଟିରେ ନିୟମ ବହିର୍ଭୂତ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନଚରଣ ମାଝୀ ଅଭିଯୋଗ କରିଛନ୍ତି । ଲୋଡିଂ ଏବଂ ଅନଲୋଡିଂ ପାଇଁ ଆସୁଥିବା ଅର୍ଥ ବେନିୟମ ଭାବେ ଖର୍ଚ୍ଚ ହେଉଥିବାବେଳେ ପ୍ରଶାସନିକ ଅଧିକାରୀ ଏଥିରେ ସହାୟତା କରୁଛନ୍ତି । ସମବାୟ ବିଭାଗ ଦ୍ୱାରା ପଂଜିକୃତ ହୋଇଥିବା ଏହି ସୋସାଇଟିରେ ମାସିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଗତ କିଛିଦିନ ତଳେ ୨ଜଣ ସଦସ୍ୟଙ୍କୁ ପ୍ରୋକଲେନ ଗାଡି କିଣିବା ୧୬ ଲକ୍ଷ ଟଙ୍କା ଦିଆଯାଇଛି । ଯାହାକି ସଂପୂର୍ଣ୍ଣ ବେଆଇନ । ଗାଡି କିଣିବା ପାଇଁ ସୋସାଇଟି ଅର୍ଥ ଦେବାର ନିୟମ ନଥିବାବେଳେ କିଭଳି ଅର୍ଥ ଦିଆଗଲା ତାହା ତଦନ୍ତ କରାଯିବାକୁ ଦାବୀ କରିଛନ୍ତି । ସୋସାଇଟି ଭାଙ୍ଗିଯିବା ପରେ ସମବାୟ ବିଭାଗ ପକ୍ଷରୁ ଗତ ୫ ମାସ ହେବ ଜଣେ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକଙ୍କୁ ନିଯୁକ୍ତି ଦିଆଯାଇଛି । ମାତ୍ର ଏହି ଅଧିକାରୀ କୋଟି କୋଟି ଟଙ୍କା ବେନିୟମ ଖର୍ଚ୍ଚ ହେଉଥିଲେ ହେଁ ଏଥିପ୍ରତି ଆଖିବୁଜି ଦେଇଛନ୍ତି । ଏହି ଅଧିକାରୀଙ୍କ ତଦାରଖରେ ସୋସାଇଟିର ବାଇ-ଲୋ ଅନୁସାରେ ଟଙ୍କା ଖର୍ଚ୍ଚ ହେବା କଥା । ମାତ୍ର ତାହା ନକରାଯାଇ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି । ଏପରିକି ସେଲଫ ଚେକ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଉଠାଣ ହେଉଛି । ଶୁଆକାଟୀସ୍ଥିତ ପାଟେଶ୍ୱର ଯୁକ୍ତ ଦୁଇ କଲେଜର ଜଣେ କିରାଣୀ ବସନ୍ତ କୁମାର ପ୍ରଧାନ ମଧ୍ୟ ଶୁଆକାଟୀ ଲୋଡିଂ ଏଜେନ୍ସିରେ କ୍ୟାସିୟର ଭାବେ କାମ କରୁଛନ୍ତି । ଜଣେ ସରକାରୀ କର୍ମଚାରୀ ୨ଟି ସ୍ଥାନରେ କିପରି କାମ କରି ଦରମା ନେଉଛନ୍ତି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସରକାରଙ୍କ ନିକଟରେ ଦାବୀ କରିଛନ୍ତି । ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗଣଶିକ୍ଷା ବିଭାଗ ପଦକ୍ଷେପ ନେବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ଦାବୀ କରିଛନ୍ତି ସଦର ବିଧାୟକ ତଥା ବିରୋଧିଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ । ଦୀର୍ଘ ବର୍ଷ ହେବ ଏହି ସୋସାଇଟି ନିୟମ ବହିର୍ଭୂତ କାମ କରିଥିବାରୁ ସୋସାଇଟି ଭାଙ୍ଗିଦେବା ସହ ଆଡମିନିଷ୍ଟ୍ରେଟର ଭାବେ ବସନ୍ତ କୁମାର ନାଏକ ଦାୟିତ୍ୱ ନେବା ପରେ ଗତ ୫ମାସର ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ କରିବାକୁ ଡିଆର୍‌ସିଏସ୍‌ଙ୍କ ନିକଟରେ ଶ୍ରୀ ମାଝୀ ଦାବୀ କରିଛନ୍ତି ।

# କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସ ଡିଜିପି ଡିସ ପୁରସ୍କାର ପାଇଲେ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ପୋଲିସ କନେଷ୍ଟବଳ ଅଭିଜିତ ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲାରେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ପୋଲିସ ମହାନିର୍ଦ୍ଦେଶକ ଅଭୟ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଡିସ ପୁରସ୍କାର ପ୍ରଦାନ କରିଥିବା ଜଣାପଡିଛି । କନେଷ୍ଟବଳ ଶ୍ରୀ ଦାସ ଜଣେ ଦକ୍ଷ ଓ କର୍ମଠ ପୋଲିସ କର୍ମଚାରୀ ଭାବରେ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ପୁରସ୍କୃତ ହୋଇଥିବା ସୂଚନା ମିଳିଛି ।

# ଆର୍ସେଲ ମିତ୍ତଲ କମ୍ପାନୀର ମନମାନୀ, ଆବଶ୍ୟକତାଠାରୁ ଅଧିକ ଖଣିଜ ପଦାର୍ଥ ପରିବହନ ଟ୍ରାଫିକ ସମସ୍ୟାର ମୁଖ୍ୟକାରଣ

ଯୋଡା/ବଡକାଲିମାଟି (ପିଏନ୍): ଟ୍ରାଫିକ ଜାମ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଏ ନେଇ ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା ଜାମ ଓ ଯାତାୟାତ ପରିସ୍ଥିତି ଅଣାୟତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସମୟରେ ବୈଠକ କରାଯାଇ ଏହାର ସମାଧାନ ବାହାର କରାଯାଉଛି । ହେଲେ ଏଠାରେ ଫଳ ଶୂନ । ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ସହିତ ଟ୍ରାଫିକ ଗାଡି ମଧ୍ୟ ନିଯୁକ୍ତି କରାଯାଇଛି । ଏଠାରେ ଦିନେ ନୁହେଁ କି ଅଧେ ନୁହେଁ ବର୍ଷ ବର୍ଷ ଧରି ଖଣି ଅଞ୍ଚଳର ଲୋକେ ଭୋଗିଚାଲିଛନ୍ତି ଏଭଳି ଟ୍ରାଫିକ ଜାମ ସମସ୍ୟା । ଏମିତି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବଡକାଲିମାଟି ପଞ୍ଚାୟତର ଦୁବୁନା ଠାରେ ଥିବା ଆର୍ସେଲ ମିତ୍ତଲ ନିପୋନ ଷ୍ଟିଲ କମ୍ପାନୀ ଠାରେ । ଖଣି ଅଞ୍ଚଳର ବଡକାଲିମାଟି ଠାରୁ ଦୁବୁନା ପର୍ଯ୍ୟନ୍ତ ଯେଉଁ ପ୍ରକାର ରାସ୍ତା ଜାମରେ ଉତ୍କଟ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି ଆଖିରେ ନ ଦେଖିଲେ ବିଶ୍ୱାସ କରିବା କଷ୍ଟ । ଏଭଳି ସ୍ଥଳେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫଳରେ ସ୍ଥାନୀୟ ମହଲରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ବିଶେଷ କରି ବଡକାଲିମାଟିଠାରୁ ଦୁବୁନା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାଟି ଆର୍ସେଲ ମିତ୍ତଲ କମ୍ପାନୀକୁ ଯାଉଥିବା ବଡ ବଡ ଭାରିଯାନ କବଜାରେ ରାସ୍ତାଗୁଡ଼ିକ ଦିନରାତି ରହୁଥିବା ଫଳରେ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ସ୍ଥାନୀୟ ଜନ ସାଧାରଣ । ଆବଶ୍ୟକତା ଠାରୁ ଅଧିକ ଖଣିଜ ପଦାର୍ଥ ପ୍ଲାଣ୍ଟରୁ ପରିବହନ ହେଉଥିବା କାରଣରୁ ରାସ୍ତା ଜାମର ସମସ୍ୟା ଲାଗି ରହୁଛି । ପ୍ରତ୍ୟକ ଦିନ ଟ୍ରାଫିକ ଜାମ ସମସ୍ୟା ହେତୁ ଆମ୍ବୁଲାନ୍ସ ମଧ୍ୟ ରୋଗୀକୁ ନେବା ପାଇଁ ମନା କରି ଦେଉଛନ୍ତି । ୧୦୮କୁ ଫୋନ କଲେ ପଚାରୁଛନ୍ତି କେଉଁ ଜାଗାରେ; ଯଦି କୁହାଯାଏ ଦୁବୁନା, ପୁରୁଣାଡିହ, ଖଜୁରୀଡିହି, ହାତୀମରା, ନୟାଗଡ, ବସନ୍ତପୁର କିମ୍ବା ପିଢୋପୋଖରୀ ତେବେ କହୁଛନ୍ତି ହେ ଭଗବାନ ରାସ୍ତା ଜାମ ନାହିଁତ ? ନହେଲେ ରାତି ପାହିଯିବ ପହଞ୍ଚିବାକୁ । ଏଥିରୁ ଚିନ୍ତାକରନ୍ତୁ ଏଠାକାର ସ୍ଥାନୀୟ ବାସିନ୍ଦା କେମିତି ଜୀବନଯାପନ କରୁଥିବେ । ଏଥିନେଇ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଛନ୍ତି । ମିତ୍ତଲ କମ୍ପାନୀ ପରିବହନ କ୍ଷେତ୍ରରେ ଅଧିକ ଟ୍ରକଗୁଡ଼ିକୁ ଲଗାଇବା ଦ୍ୱାରା ଏଭଳି ରାସ୍ତା ଜାମର ବିଷମ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ମହଲରେ ଦାବି ହେଉଛି ।

# କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ୍ ଲାଇଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସିମିଳିପାଳ ଏଫ୍‌ସି ବିଜୟୀ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଷ୍ଟାଡିୟମ୍‌ଠାରେ ତୃତୀୟ ବାର୍ଷିକ କୁଶ ପଟ୍ଟନାୟକ ମେମୋରିଆଲ ଫ୍ଲଡ ଲାଇଟ୍ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅପ୍ରେଲ ୧ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ମ୍ୟାଚ୍ ମା’ମଙ୍ଗଳା (କଟକ) ଓ ବାରିପଦା ସିମିଳିପାଳ ଏଫ୍‌ସି ମଧ୍ୟରେ ସନ୍ଧ୍ୟା ୬.୩୦ମିନିଟରେ ଖେଳ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା ଖେଳ ହୋଇଥିଲେ ମଧ୍ୟ ସିମିଲପାଳ ଏଫ୍‌ସି ୨-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଥିଲା । ଏହି ଖେଳକୁ ରେଫରୀ ଭାବେ ଜ୍ୟୋତିରଂଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଲାଇନ୍‌ସରେ ବିଜୟ ହେମ୍ବ୍ରମ, ଜିତେନ୍ଦ୍ର କୁମାର ବାରିକ, ଉତ୍ତମ ବାରିକ ଓ ଅକ୍ଷୟ ହେମ୍ବ୍ରମ ସହଯୋଗ କରିଥିବା ବେଳେ ସୁରେଶ ଜେନା ଓ ମଦନ ପାଣି ଧାରାବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି ଦାଶ, ଜଗତସିଂହପୁର ଜିଲ୍ଲାର ସାମାଜିକ ସୁରକ୍ଷା ଅଧିକାରୀ ଡଃ ଶମ୍ଭୁନାଥ ରାଉତ, ମନୋରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ଫୁଟବଲ ଖେଳାଳୀ ବିନୋଦ ମିଶ୍ର, ଗଗନ ସିଂ, ନିରାକାର ଦଳେଇ, ଦେବବ୍ରତ କରଣ, ରମେଶ ସିଂ, ଅକ୍ଷୟ ମହାନ୍ତି, ନିଲୁ ମହାନ୍ତି, ଅଶୋକ ରାଉଳ, ଆଦିକନ୍ଦ ମହାକୁଡ, କୁଂଜବିହାରୀ ମିଶ୍ର, ଅଖିଳ ପଟ୍ଟନାୟକ, ସୁଦର୍ଶନ ରଣା, ମୁରଲିଧର ମିଶ୍ର, ହଲାଲ ଦାସ, ପ୍ରଦୀପ ହଜାରୀ ପ୍ରମୁଖ ପରିଚାଳନା କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଜୁନ୍ ୦୬

# ଅନାଥ ଶିଶୁଙ୍କ ସୁରକ୍ଷା

ମହାମାରୀ କରୋନାରେ ଅନାଥ ପିଲା ଓ ବିଧବାମାନଙ୍କୁ ଚିହ୍ନଟ କରି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କୁ ମଧୁବାବୁ ପେନସନ୍ ଯୋଜନାରେ କରି ଭତା ସହାୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ନିଶ୍ଚିତ ଭାବେ ଏକ ସମୟଚିତୋ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅନାଥ ଶିଶୁମାନଙ୍କୁ ସହାୟତା ଏବଂ ସେମାନଙ୍କ ଭବିଷ୍ୟତ ଗଠନ ପାଇଁ ପି.ଏମ.କେୟାର ପାଣ୍ଠିରୁ ୧୦ଲକ୍ଷ ଟଙ୍କା ସହାୟତା ସହ ସେମାନଙ୍କର ପାଠପଢା ପାଇଁ ସମସ୍ତ ବ୍ୟୟ ବହନ କରିବାକୁ ଘୋଷଣା କରିଛନ୍ତି। ତେବେ ଏହି ସହାୟତା ପାଇଁ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ଗାଇଡଲାଇନ୍ ଘୋଷଣା କରାଯାଇନାହିଁ କିମ୍ବା କାର୍ଯ୍ୟକାରୀତା ଆରମ୍ଭ ହୋଇନାହିଁ। ତେବେ ଏହା ନିଶ୍ଚିତ ଯେ, ଅନାଥମାନଙ୍କୁ ଏହା ନିଶ୍ଚିତ ଆଶ୍ୱସ୍ତ କରିବ। ଅନ୍ୟପକ୍ଷରେ ଦେଶରେ କରୋନା ମହାମାରୀରେ ପିତାମାତାଙ୍କୁ ହରାଇ ଅନାଥ ହୋଇଥିବା ୧୦ ହଜାର ଶିଶୁଙ୍କୁ ତୁରନ୍ତ ଥଇଥାନ କରାଯିବା ଜାତୀୟ ମାନବାଧିକର କମିଶନ ଗୁରୁତ୍ୱ ଦେବା ସହ ସୁପ୍ରିମକୋର୍ଟଙ୍କୁ ମଧ୍ୟ ତୁରନ୍ତ ସେମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଥିବ। ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ମାର୍ଚ୍ଚ ଠାରୁ ଦେଶରେ କାୟାବିସ୍ତାର କରି ଚାଲିଥିବା ମହାମାରୀ କରୋନାରୁ ଅନାଥ ଅସହାୟ ହୋଇଯାଇଥିବା ଶିଶୁମାନଙ୍କ ମଧ୍ୟରେ ୧ବର୍ଷରୁ ୧୭ ବର୍ଷର କିଶୋର ଅନ୍ତର୍ଭୁକ୍ତ ଅଛନ୍ତି। ଯେଉଁମାନଙ୍କ ମଧ୍ୟରେ କେତେକ ଉଭୟ ପିତାମାତାଙ୍କୁ ହରାଇ ଥିବାବେଳେ ଆଉ କେତେକ କେବଳ ପିତା କିମ୍ବା ମାତାଙ୍କୁ ହରାଇ ବେସାହାରା ହୋଇପଡିଛନ୍ତି। ସରକାରୀ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବର୍ତ୍ତମାନସୁଦ୍ଧା ମହାମାରୀ କରୋନାରେ ୯୩୯୬ ଜଣ ଶିଶୁ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭୪୨ ଜଣ ଶିଶୁ ଉଭୟ ପିତାମାତାଙ୍କୁ ହରାଇଥିବା ବେଳେ ୭୪୬୪ ଜଣ ଶିଶୁ କେବଳ ପିତା କିମ୍ବା ମାତାଙ୍କୁ ହରାଇଛନ୍ତି। ଆହୁରି ମଧ୍ୟ ଆଉ ଏକ ଚାଂଚଲ୍ୟକର ତଥ୍ୟ ପ୍ରକାଶ ପାଇଛି, ତାହା ହେଉଛି ୧୪୦ରୁ ଉର୍ଦ୍ଧ୍ୱ ନାବାଳିକାକୁ ଅପହରଣ କରାଯାଇଛି ଏବଂ ସେମାନଙ୍କୁ ଅନୈତିକ କାର୍ଯ୍ୟରେ ନିୟୋଜିତ କରାଯାଇଛି। କେବେ ଏହି ଶିଶୁମାନେ ୨୦୨୦ ମାର୍ଚ୍ଚ ମାସରୁ ୨୦୨୧ ମେ ୨୯ ତାରିଖ ମଧ୍ୟରେ ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସତ୍ୟ ମେ' ମାସରେ କରୋନା ସର୍ବାଧିକ ଘାତକ ହୋଇଛି। କେବଳ ମେ ମାସରେ କରୋନା ଦେଶରେ ଲକ୍ଷାଧିକ ଲୋକଙ୍କର ଜୀବନ ନେଇଛି। ମହାମାରୀ କରୋନାରେ ଅନାଥ, ଅସହାୟ ଏବେ ଅନୈତିକ କାର୍ଯ୍ୟରେ ଲଗାଯାଇଥିବା ଶିଶୁମାନଙ୍କର ତୁରନ୍ତ ଉଦ୍ଧାର, ସୁରକ୍ଷା ଓ ଥଇଥାନ ହେଉଛି ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା। ମାତ୍ର ବର୍ତ୍ତମାନ ସୁଦ୍ଧା ଏହି ଶିଶୁମାନଙ୍କର ଥଇଥାନ ଓ ସୁରକ୍ଷା ପାଇଁ ସରକାର କୌଣସି ସୁଚିନ୍ତିତ ଯୋଜନା ହାତକୁ ନେବା ଭଳି ମନେହୁଏ ନାହିଁ। କେନ୍ଦ୍ର ସରକାର ଅନାଥ ଶିଶୁମାନଙ୍କର ଥଇଥାନ ଯୋଜନା ଘୋଷଣା କରିଛନ୍ତି ସତ, ମାତ୍ର ସମୟର ଆବଶ୍ୟକତା ଅନୁଯାୟୀ ସେମାନଙ୍କ ସୁରକ୍ଷା ପାଇଁ କୌଣସି କାର୍ଯ୍ୟକ୍ରମ ଆରମ୍ଭ କରିନଥିବା କୁହାଯାଇପାରେ। ଏହା ନିଶ୍ଚିତ ଯେ, ଆଶ୍ରୟରେ ଯେପରି କବିତା, ବନିତା, ଲତା ଯେପରି ନିଜ ଗୋଡରେ ଛିଡା ହୋଇପାରନ୍ତି ନାହିଁ, ଅନାଥ ଶିଶୁ ସେହିପରି ଭବିଷ୍ୟତ ଅନ୍ଧକାର କରିଦେଇଛି। ପ୍ରଧାନମନ୍ତ୍ରୀ କେଆରର୍ସ ଫଣ୍ଡ ଅଧିନରେ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇଛି। ଏହି ଯୋଜନାରେ ଅନାଥ ଶିଶୁଙ୍କ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟବୀମା କଥା କୁହାଯାଇଛି। ମାତ୍ର ଏହା ସୁନିଶ୍ଚିତ କାର୍ଯ୍ୟକାରୀତା ବା ଏହାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ କିଛି ପ୍ରତିଶ୍ରୁତି ଥିବା ମନେହୁଏ ନାହିଁ। ଆହୁରି ମଧ୍ୟ ବହୁ ରାଜ୍ୟ ଅନାଥ ଶିଶୁଙ୍କ ସୁରକ୍ଷା ପାଇଁ ପିଏମକେୟାରର୍ସ ଫଣ୍ଡ ଅଧିନସ୍ଥ ଯୋଜନା ପରି ସ୍ୱତନ୍ତ୍ର ଯୋଜନା ଘୋଷଣା କରିସାରିଲେଣି। କେତେକ ରାଜ୍ୟ ଏଭଳି ଯୋଜନାର କାର୍ଯ୍ୟକାରିତା ପାଇଁ ମନିଟରିଂ କମିଟି ଗଠନ କରିଛନ୍ତି। ତେବେ ଅନାଥ ଶିଶୁଙ୍କ ଥଇଥାନ ପାଇଁ ଉତ୍ସର୍ଗୀକୃତ ମନୋଭାବ ଏବଂ କାର୍ଯ୍ୟକ୍ରମ ଏବେ ଜରୁରୀ ଆବଶ୍ୟକ। ରାଜ୍ୟ ସରକାରମାନେ ମଧ୍ୟ ଏଥିପ୍ରତି ସଚେତନ ହେବା ଆବଶ୍ୟକ। ଅନାଥ ଶିଶୁଙ୍କ ପାଠପଢା ଏବଂ ଭବିଷ୍ୟତ ପାଇଁ ସମସ୍ତେ ସହଯୋଗ କରିବା ମଧ୍ୟ ଜରୁରୀ ଏବଂ ଯୋଜନା ଲୋକ ଦେଖାଣିଆ ନହେଉ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବାଣପୁର ସଶସ୍ତ୍ର ପାଇକ ଗଣସଂଗ୍ରାମ:୧୮୩୬ ଜୁନ୍ ୪,୫,୬

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ଆଜକୁ ଠିକ୍ ଦୁଇଶହ ବର୍ଷ ପୂର୍ବେ ବାଣପୁର ମାଟିରୁ ଆରମ୍ଭ ହୋଇଥିଲା। ୧୮୧୭ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ବାଣପୁରର ବଣଜଙ୍ଗଲ ଥରି ଉଠିଥିଲା ପାଇକମାନଙ୍କ ରଣ ହୁଙ୍କାରରେ। ଘଟଣା ଥିଲା ଏଇଭଳି। ଖୋର୍ଦ୍ଧା ରାଜାଙ୍କ ସେନାପତି ବକ୍ସି ଜଗବନ୍ଧୁ ଇଂରେଜ କମ୍ପାନୀ ସରକାରଙ୍କ ଠାରୁ ନ୍ୟାୟ ନପାଇ ନିଜ ରୋଡ଼ଙ୍ଗ ପ୍ରଗଣା ଓ ବକ୍ସ ମାହାଲ ହରାଇ ସାରିଥିଲେ। ଖୋର୍ଦ୍ଧା ରାଜାଙ୍କ ପରେ ଯାହାଙ୍କ ସ୍ଥାନ ଦ୍ୱିତୀୟରେ ଥିଲା ସେ ସର୍ବସ୍ୱାନ୍ତ ହୋଇଗଲେ। ଏପରିକି ତାଙ୍କର ଗଡ଼ ରୋଡ଼ଙ୍ଗ, ହରଚଣ୍ଡୀପୁର, ଚଣ୍ଡୀପୁଟରେ ଥିବା ପୁରୁଷାନୁକ୍ରମିକ ରକ୍ଷଜମିକୁ ବୁଝାସୁଝା କରୁଥିବା ଗୁମାସ୍ତା ଜଗବନ୍ଧୁ ପଟ୍ଟନାୟକ କୃଷ୍ଣଚନ୍ଦ୍ରଙ୍କ ଠାରୁ ଜନ କବଲା କରି ନିଜ ନାମରେ ନେଇଗଲେ। ଏଥିରେ ଉତକ୍ଷିପ୍ତ ହୋଇ ବକ୍ସି ଜଗବଂଧୁଙ୍କ ଲୋକ ଗୁମାସ୍ତା ଜଗବଂଧୁ ପଟ୍ଟନାୟକଙ୍କୁ ସପରିବାର ହତ୍ୟା କଲେ। ଏହା ଜାନୁଆରୀ କିମ୍ବା ଫେବ୍ରୁୟାରୀ ମାସର ଘଟଣା। ବକ୍ସି ଜଗବନ୍ଧୁଙ୍କ ଗୃହର ଦକ୍ଷିଣରେ ଥିବା "ପଟ୍ଟନାୟକ ମରା ବରଗଛ" ଏବେ ମଧ୍ୟ ଏହି ସ୍ମୃତିକୁ ବହନ କରି ଦଣ୍ଡାୟମାନ ହୋଇଛି। ଡବ୍ଲିୟୁ ଗ୍ରୋୟର ଷ୍ଟ୍ରିଲିଙ୍ଗଙ୍କୁ ଦେଇଥିବା ଚିଠିରେ ଲେଖିଛନ୍ତି – Jagabandhu Patnaik, an enemy of Buxi Jagabandhu and several members of his family who were acting as spies to the Government were murdered. ଏହି ଘଟଣା ପାଇଁ ବକ୍ସି ଜଗବନ୍ଧୁଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆସିଲା। ଏଣେ ଜଗବନ୍ଧୁ ପାଇକ ବିଦ୍ରୋହ ପାଇଁ ଲୋକମାନଙ୍କୁ ମତାଉଥାନ୍ତି। ସେତେବେଳେ ଇଂରେଜ ଅଧିକୃତ ଓଡ଼ିଶାକୁ ମରହଟ୍ଟାମାନେ ଆକ୍ରମଣ କରିବାକୁ ମସୁଧା କରୁଥିବା ଗୁଜବ ପ୍ରଚରିତ ହେଲା। ଖୋରଧାର ଜଣାଶୁଣା ସରବରାକାର ଚରଣ ପଟ୍ଟନାୟକ ରାଗର ପ୍ରତିଶୋଧ ପାଇଁ ମରହଟ୍ଟାଙ୍କ ସହିତ ବକ୍ସି ଜଗବନ୍ଧୁଙ୍କର ସମ୍ପର୍କ ଥିବା ମିଥ୍ୟା ଅଭିଯୋଗ ଖୋର୍ଦ୍ଧାର ପୁଲିସ ଦାରୋଗା ମିର୍ଜା ମେହେଦୀଙ୍କୁ ଜଣାଇଲେ। ଏହି ଅଭିଯୋଗ ତଥା ଗୁମାସ୍ତା ଜଗବଂଧୁ ପଟ୍ଟନାୟକଙ୍କୁ ହତ୍ୟା ଆଦି ନେଇ ବକ୍ସି ଜଗବଂଧୁଙ୍କୁ ଗିରଫ କରିବାକୁ ଚେଷ୍ଟା କରୁଥାନ୍ତି। ବନ୍ଦୀରୁ ରକ୍ଷା ପାଇବା ପାଇଁ ଜଗବଂଧୁଙ୍କୁ ଆତ୍ମଗୋପନ କରି ଲଜ୍ଜାହୀନ ଜୀବନ ଯାପନ କରିବାକୁ ପଡୁଥିଲା। ତେଣୁ ବିଦ୍ରୋହକୁ ଶୀଘ୍ର କାର୍ଯ୍ୟ କରିବା ମୁହୂର୍ତ୍ତକୁ ସେ ଅପେକ୍ଷା କରିଥିଲେ। ସେତେବେଳେ ଘୁମୁସର (ଭଂଜନଗର) ଥିଲା ମାନ୍ଦ୍ରାସ ପ୍ରେସିଡେନ୍ସିରେ। ଘୁମୁସର ରାଜା ଶ୍ରୀକର ଭଞ୍ଜଙ୍କ ବିରୋଧରେ ଇଂରେଜମାନେ ନାନାଦି ଷଡ଼ଯନ୍ତ୍ର କରୁଥିବାରୁ ସେଠାକାର କନ୍ଧମାନେ ଇଂରେଜ ବିରୋଧୀ ଥିଲେ। ଇଂରେଜମାନଙ୍କ ବିରୋଧରେ ଲଢ଼ିବା ପାଇଁ ତଥା ଇଂରେଜ ଶାସିତ ବାଣପୁର ଅଂଚଳରେ ଲୁଟପାଟ କରିବା ପାଇଁ ଖ୍ରୀ ୧୮୧୭ ମାର୍ଚ୍ଚ ମାସରେ ପ୍ରାୟ ୪୦୦ କନ୍ଧ ମେଳି ବାନ୍ଧି ଖୋର୍ଦ୍ଧାର ବାଣପୁର ଅଂଚଳକୁ ଚାଲି ଆସିଲେ। ମହା ପରାକ୍ରମୀ ପୁରୁଷ ସିଂହ ବକ୍ସି ଜଗବଂଧୁ ଏଭଳି ସୁଯୋଗ ଅପେକ୍ଷାରେ ଥିଲେ। ତାଙ୍କର ପ୍ରମୁଖ ସହଯୋଗୀ କାୟା ସଙ୍ଗେ ଛାୟା ଭଳି ଥିଲେ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ। ସେ ମଧ୍ୟ ଲେମ୍ବାଇରେ ଥିବା ଦେୱାନବାଡ଼ି ହରାଇଥିଲେ, କେବଳ ଛତ୍ରମା ଗଡ଼ରେ ଯାହା ଭୂ-ସମ୍ପତ୍ତି ଥିଲା। ଉଭୟ ବକ୍ସି ଓ ଦେୱାନ ପୂର୍ବରୁ ରୋଡ଼ଙ୍ଗ ଗଡ଼ରେ ଏକତ୍ର କରିଥିବା ଦଳେଇ ଦଳବେହେରା ଓ ପାଇକମାନଙ୍କୁ ଧରି ବାଣପୁର ଅଂଚଳକୁ ଚାଲି ଆସିଲେ। ବକ୍ସି ଜଗବଂଧୁ ନିଜର ପାଇକମାନଙ୍କ ସହ ଘୁମୁସୁରରୁ ଆସିଥିବା କନ୍ଧ ପାଇକମାନଙ୍କ ସହ ମିଶି ବାଣପୁର ଥାନା ଆକ୍ରମଣ ଓ ଖଜଣାଖାନା ଲୁଟ କଲେ। ବକ୍ସି ଜଗବନ୍ଧୁଙ୍କୁ ଭାଟପଡ଼ା ଦଳବେହେରା ଦୀନବଂଧୁ ସାମନ୍ତରାୟ ମହାପାତ୍ର ସେହି ଗ୍ରାମର ଅନ୍ୟ ଜଣେ ସର୍ଦ୍ଦାର ଅଚ୍ୟୁତ ସାମନ୍ତରାୟ, ଛତ୍ରଗଡ଼ର ବିଷୋୟୀ ରଥି ସାମନ୍ତସିଂହାର ଓ ତାଙ୍କ ସହଯୋଗୀ ପରମାନନ୍ଦ ବିଶ୍ୱାଳ, ପଂଚୁପଲ୍ଲୀ ଦଳବେହେରା ଶ୍ରୀହରି ମାନସିଂହ, କୁହୁଡ଼ି ଦଳେଇ ବନ୍ଧୁ ସାନ୍ତରା ବାଣପୁର ମାଳର ମଧୁ ବିଷୋଇ ଓ ଉଦ୍ଧବ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ମେଳରେ ଅନ୍ୟତମ ମେଳିଆ ଥିଲେ ସର୍ଦ୍ଦାର ବ୍ରଜାନନ୍ଦ ସିଂହ। ବକ୍ସିଙ୍କ ନେତୃତ୍ୱରେ ବିଦ୍ରୋହୀମାନେ ପ୍ରଥମେ ଥାନା ଆକ୍ରମଣ କଲେ। ବିଦ୍ରୋହୀଙ୍କ ସଂଖ୍ୟା ବହୁ ଅଧିକ ଥିବାରୁ ଦାରୋଗା ଓ ସିପାହୀମାନେ ପ୍ରାଣଭୟରେ ଥାନା ଛାଡ଼ି ପଳାୟନ କଲେ। ବିଦ୍ରୋହୀମାନେ ଥାନା ପୋଡ଼ିଦେଲେ। ପରେ ପରେ ସେମାନେ ଖଜଣା ଖାନା ଲୁଟ କରି ପ୍ରାୟ ଟ.୧୫,୦୦୦/- (ପନ୍ଦର ହଜାର ଟଙ୍କା) ନେଇ ପଳାଇଲେ। ଚିଲିକା କୂଳରେ ଲୁଣ ଏଜେଂଟ୍ ବେଚର ସାହେବଙ୍କୁ ଧରିବା ପାଇଁ ଦୌଡ଼ିଲେ। କିଂତୁ ସେ ଦୌଡ଼ି ପଳାୟନ କଲେ। ବାଣପୁରରେ ବିଦ୍ରୋହୀମାନେ ସରକାରୀ ପକ୍ଷକୁ ପରାସ୍ତ କରିଦେଇଥିବାରୁ ସେମାନଙ୍କ ମଧ୍ୟରେ ପ୍ରବଳ ଉନ୍ମାଦନା ଦେଖାଦେଲା। ସେମାନେ ବିଜୟଲାଭ କରିଥିବାରୁ ଦ୍ୱିଗୁଣ ଉତ୍ସାହରେ ଖୋର୍ଦ୍ଧା ଆଡ଼କୁ ଅଗ୍ରସର ହେଲେ। ଭାଟପଡ଼ା ଦଳବେହେରା ଦୀନବନ୍ଧୁ ସାମନ୍ତରାୟଙ୍କ ନେତୃତ୍ୱରେ ପାଇକମାନେ ପାଂଚଗଡ଼ ଚାଲିଲେ। ସେଠାରେ ବିପୁଳ ସମର୍ଥନ ମିଳିଲା। ସଁପୁରରେ ରହୁଥିବା ପାଂଚଗଡ଼ ରାଣୀଙ୍କ ଦେୱାନ ସଦାଶିବ ବହିଦାରଙ୍କୁ କାଳିଆ ମଙ୍ଗରାଜ ହତ୍ୟା କଲେ। ରାଣୀ ମୁକ୍ତାଦେଇ ଖଣ୍ଡପଡ଼ା ଦେଇ କଟକ ପଳାୟନ କଲେ। ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବରଙ୍କ ନେତୃତ୍ୱରେ ପାଇକମାନେ ଖୋର୍ଦ୍ଧା ଚାଲିଲେ। ବାଣପୁରରେ ବିଦ୍ରୋହୀମାନଙ୍କ ବିଜୟ ଯୋଗୁଁ ଖୋର୍ଦ୍ଧାରେ ଥିବା ଗୋରା ହାକିମମାନେ ଅନ୍ୟତ୍ର ପଳାଇଲେ। ପାଇକମାନେ ପୁଲିସ ଦାରୋଗାକୁ ନପାଇ ଝକମକି ବନ୍ଧୁକଧାରୀ ଜଣେ ପ୍ରହରୀକୁ ହତ୍ୟା କଲେ। ସରକାରୀ କୋଠାବାଡ଼ି ଓ ଖଜଣାଖାନା ଲୁଟି କରି ନେଲେ। ବିଦ୍ରୋହୀମାନଙ୍କୁ ଦମନ କରିବାକୁ ଇଂରେଜ ଲେଫ୍ଟନାଂଟ ପ୍ରାଇଡ୍ ଏବଂ ଫେରିସ୍ ଖୋର୍ଦ୍ଧା ଅଭିମୁଖେ ବାହାରିଲେ। ବାଟରେ ଗଙ୍ଗପଡ଼ା ଠାରେ ବିଦ୍ରୋହୀ ଓ ଇଂରେଜ ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ ହେଲା। ବିଦ୍ରୋହୀ ପାଇକଙ୍କ ସଂଖ୍ୟା ବହୁତ ଥିବାରୁ ଇଂରେଜ ସୈନିକ ପଳାୟନ କଲେ। ବିଦ୍ରୋହୀଙ୍କ ଗୁଳିରେ ଇଂରେଜ ଲେଫ୍ଟନାଂଟ ଫେରିସ୍ ପ୍ରାଣତ୍ୟାଗ କଲେ। ଜଣେ ଅଣ ଇଂରେଜ ସୁବେଦାର ମଧ୍ୟ ନିହତ ହୋଇଥିଲା। ଯା'ପର ଠାରୁ ଇଂରେଜ ସୈନ୍ୟ ଓ ପାଇକମାନଙ୍କ ମଧ୍ୟରେ ବଡ଼ଲାଙ୍ଗ, ପିପିଲି, ଦୋବନ୍ଧା, ପୁରୀ, ବାରଙ୍ଗ, ଗୋପ, ହରିଶପୁର, ତିରଣ, କୁଜଙ୍ଗ ଆଦି ଯୁଦ୍ଧ ଲାଗି ରହିଥିଲା। ବହୁ ବିଦ୍ରୋହୀ ବନ୍ଦୀ ଓ ଶହୀଦ ହୋଇଥିଲେ। ଦୀର୍ଘ ଆଠ ବର୍ଷର ବିଦ୍ରୋହ ପରେ ବକ୍ସି ସମ୍ମାନ ସହକାରେ ଆତ୍ମସମର୍ପଣ କରିଥିଲେ। ବାଣପୁର ଅରାଙ୍ଗର ମଧୁ ବିଷୋଇ ପାଇକ ବିଦ୍ରୋହରେ ବକ୍ସିଙ୍କର ଜଣେ ସହଯୋଗୀ ବିଦ୍ରୋହୀ ଥିଲେ। ତାଙ୍କର ଦୁଇ ପୁଅ ଲୋଚନ ବିଷୋଇ, ଶିବ ବିଷୋଇ ଓ ଅରାଙ୍ଗ ଦଳବେହେରା ଶ୍ୟାମ ସୁନ୍ଦର ପାଟଶାହାଣୀଙ୍କ ପୁଅ କୃତ୍ତିବାସ ପାଟଶାହାଣୀ 'ଫଂଟୁଆ ଫତୁରୀ'ର ମୁଖ୍ୟ ନାୟକ ଥିଲେ। ୧୯୩୬ ଜୁନ୍ ମାସ ୧ ତାରିଖରେ ଅରାଙ୍ଗର କୃତ୍ତିବାସ ପାଟଶାହାଣୀ, ଲୋଚନ ବିଷୋଇ, ଶିବ ବିଶୋଇ, ପଂଚାନନ ନାୟକ, ସାଧୁ ଜାନି, ଦୀନା ଜାନି ପ୍ରଭୃତି ବିଦ୍ରୋହୀ ନେତାମାନେ ଏକ ବୈଠକରେ ମିଳିତ ହୋଇ ବାଣପୁରକୁ ଇଂରେଜ ଶାସନରୁ ମୁକ୍ତ କରିବାକୁ ସିଦ୍ଧାନ୍ତ ନେଲେ ଏବଂ ସେହି ବୈଠକରେ ରୋଡ଼ଙ୍ଗ ବକ୍ସିଙ୍କ ଅନୁରୂପେ ପଂଚାନନ ନାୟକଙ୍କୁ ବିଦ୍ରୋହର ନେତା ରୂପେ ମନୋନୀତ କରାଗଲା। ସେହି ବୈଠକରେ ହିଁ ବାଣପୁରର ରାଜା ଶରଣସିଂହ ବୋଲି ଘୋଷଣା କରାଗଲା। କୃତ୍ତିବାସ ପାଟଶାହାଣୀ ରାଜା ଶରଣସିଂହଙ୍କର ପ୍ରଧାନମନ୍ତ୍ରୀ ତଥା ସେନାପତି ହେଲେ ଏବଂ ପ୍ରବଳ ଆନନ୍ଦ ଓ ଉନ୍ମାଦନା ଭିତରେ ରାଜା ଓ ସେନାପତିଙ୍କର ଶାଢ଼ୀବନ୍ଧା ଉତ୍ସବ ପାଳିତ ହେଲା। ୧୯୩୬ ଜୁନ୍ ୪ ତାରିଖ ଶନିବାର ରାତିରେ ରାଜା ଶରଣସିଂହ, ସେନାପତି କୃତ୍ତିବାସ ପାଟଶାହାଣୀ ଓ ସର୍ଦ୍ଦାର ଲୋଚନ ବିଶୋଇ ତାଙ୍କର କନ୍ଧ ପାଇକ ବାହିନୀ ଧରି ଅରାଙ୍ଗରୁ ବାଣପୁର ଅଭିଯାନ ଆରମ୍ଭ କଲେ। ସେମାନଙ୍କ ସହିତ ଆଖପାଖ ଗାଁର ପାଇକ ଓ ଦଳବେହେରାମାନେ ବିପୁଳ ଉତ୍ସାହ ଓ


ସତ୍ୟବାଦୀ ବଳିଆରସିଂହ

ଉଦ୍ଦୀପନାର ସହିତ ଯୋଗ ଦେଲେ। ଶହ ଶହ ବିଦ୍ରୋହୀ ପାହାନ୍ତାବେଳକୁ ବାଣପୁର ନିକଟରେ ରୁଣ୍ଡ ହେଲେ। ୫ ତାରିଖ ରବିବାର ସକାଳୁ ବିଦ୍ରୋହୀମାନେ ହଜାର ହଜାର ସଂଖ୍ୟାରେ ମେଳି ହୋଇ ବାଣପୁର ସହରରେ ପଶିଲେ ଓ ସରକାରୀ ପକ୍ଷ ଲୋକଙ୍କ ଘରପୋଡ଼ି ଲୁଟ୍ କଲେ। ବିଦ୍ରୋହୀମାନେ ଖଜଣାଖାନା ଲୁଟ କଲେ। ଥାନା ପୋଡ଼ି ଦେଲେ। ଥାନା ପୋଲିସ ଓ ସରକାରୀ ଲୋକେ ପ୍ରାଣଭୟରେ ଚିଲିକା କୂଳ ବଡ଼କୂଳକୁ ଚାଲିଗଲେ। ସେମାନଙ୍କ ସଂଖ୍ୟା କମ ଥିବାରୁ ପାଇକ ବାହିନୀର ମୁକାବିଲା କରିପାରିନଥିଲେ। ଶରଣସିଂହଙ୍କ ନାଁରେ ପରୱାନା ଜାରି କରାଯାଇ ଦଳେଇ ଦଳବେହେରାଙ୍କୁ ପାଇକ ଓ ଅସ୍ତ୍ରଶସ୍ତ୍ର ପଠାଇବାକୁ ହୁକୁମନାମା ପଠାଗଲା। ସୋମବାର ଦ୍ୱିପ୍ରହର ବେଳକୁ ବିଦ୍ରୋହୀମାନେ ବଡ଼କୂଳ ଅଭିଯାନରେ ବାହାରିଲେ। ସେଠାରେ ଥିବା ଲୁଣ ଗୋଦାମଘର ପୋଡ଼ି ଦେଲେ। ସେଠାରେ ଆଶ୍ରୟ ନେଇଥିବା ପୋଲିସ୍ ଓ ସରକାରୀ କର୍ମଚାରୀମାନେ ବଡ଼କୂଳ ଛାଡ଼ି ପଳେଇ ଗଲେ। ଏହାପରେ କଟକରୁ ଇଂରେଜ ସିପାହୀ ଚାଲି ଆସିଲେ। ଇଂରେଜକୁ ଭଲ ପାଉଥିବା କିଛି ଲୋକଙ୍କ ସାହାଯ୍ୟ ଓ କୌଶଳକ୍ରମେ ଭୀମପୁର ଠାରେ ପାଇକମାନଙ୍କୁ ଗିରଫ କରାଗଲା। କିଂତୁ ବିପ୍ଳବର ନେତା କୃତ୍ତିବାସ ପାଟଶାହାଣୀଙ୍କୁ ଗିରଫ କରାଯାଇ ପାରିନଥିଲା। ସେଥିଲେ ଦେବୀ ଭକ୍ତ। ହନ୍ତୁଆଡ଼ ଠାରେ ଟିକିରେଇ ଠାକୁରାଣୀଙ୍କ ମନ୍ଦିରରେ ସୂକ୍ଷ୍ମ ଚାରୁକଳା ବିମଣ୍ଡିତ ଉଗ୍ରତାରା ମୂର୍ତ୍ତି ଏକଦା ବଙ୍କାଡ଼ ଗଡ଼ରେ ପୂଜା ପାଉଥିଲେ। କୃତ୍ତିବାସ ନିତି ରାତ୍ରରେ ଦେବୀଙ୍କୁ ଦର୍ଶନ କରିବାକୁ ଯାଆନ୍ତି। ବାସୁଦେବ ନରେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତି ଇଂରେଜଙ୍କ ଠାରୁ ତାଙ୍କୁ ଧରାଇଦେବା ପାଇଁ ଘୋଷଣା ହୋଇଥିବା ୮ ବାଟି ୧୦ମାଣ ଜମି ସମ୍ପତ୍ତି ଲୋଭରେ ତାଙ୍କୁ କୌଶଳକ୍ରମେ ଘରକୁ ଡାକି ଧରାଇ ଦେଇଥିଲେ। ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ହେଉ କି କୃତ୍ତିବାସ ପାଟଶାହାଣୀଙ୍କ ନେତୃତ୍ୱରେ ବାଣପୁର ବିଦ୍ରୋହ ହେଉ ଉଭୟ ବିଦ୍ରୋହରେ ବାଣପୁର ଅଧିବାସୀଙ୍କର ଅବଦାନ ଅତୁଳନୀୟ। ସେମାନଙ୍କର ବୀରତ୍ୱ ଓ ଶୌର୍ଯ୍ୟଗାଥା ଯୁଗ ଯୁଗ ଧରି କୀର୍ତ୍ତି ବିମଣ୍ଡିତ ହୋଇ ରହିବ। ବକ୍ସିଙ୍କ ସହ ବାଣପୁର ସଂଗ୍ରାମରେ ଯେଉଁମାନେ ଥିଲେ ସେମାନଙ୍କ ମଧ୍ୟରୁ ଲାଲସିଂହ ଦଳବେହେରା ଗୌରାଙ୍ଗ ବରିଶଲ, କୁହୁଡ଼ି ଦଳେଇ ବନ୍ଧୁ ସାନ୍ତରା, ବାଣପୁର ମାଳର ମଧୁ ବିଶୋଇ, ରାଜୀବ ବିଶୋଇ ଓ ଉଚ୍ଛବ ନାଏକ ମଧ୍ୟ ଆତ୍ମ ସମର୍ପଣ କରିଥିଲେ। ପୂର୍ବରୁ କାରଟି ଗଡ଼ ଦାୟିତ୍ୱରେ ଥିବା ଭାଟପଡ଼ା ଦଳବେହେରା ଯାହାଙ୍କର ନିଜସ୍ୱ ଦୁଇଶହ ବେତନଭୋଗୀ ପାଇକ ସୈନ୍ୟ ଥିଲେ ଏବଂ ଛତ୍ରଗଡ଼ ବିଷୋୟୀ ରଥି ସାମନ୍ତସିଂହାର ଗିରଫ ହୋଇସାରିଥିଲେ। ଏହି ବିଦ୍ରୋହ ବାଣପୁରରୁ ଆରମ୍ଭ ହୋଇଥିବା ବେଳେ ଶେଷ ମଧ୍ୟ ହୋଇଥିଲା ବାଣପୁରରେ। ବାଣପୁର ୧୮୩୬ ଜୁନ୍ ୪, ୫ ଓ ୬ ତାରିଖ ଦିନ – ତିନି ଦିନ ପାଇଁ ଇଂରେଜ କବଳରୁ ମୁକ୍ତ ହୋଇଥିଲା। ବାଣପୁରରେ ଏହି ୩ ଦିନ ପାଳିତ ହେଉଛି ବାଣପୁର ମୁକ୍ତି ଦିବସ। ବାଣପୁର ବିଦ୍ରୋହରେ ଅଭିଯୁକ୍ତମାନଙ୍କ ବିଚାର ଅଦାଲତରେ ୯ମାସ ଧରି ଚାଲିବା ପରେ ତା୨୫.୦୩.୧୮୩୭ରିଖରେ କଟକର କମିଶନର କୋଲକତାସ୍ଥିତ ଫୋର୍ଟ ଉଇଲିୟମସ୍ଥିତ ବ୍ରିଟିଶ ସରକାରଙ୍କ ବିଚାର ବିଭାଗ ଶାସନ ସଚିବଙ୍କ ନିକଟକୁ ପଠାଇଥିବା ୬୧୦ ନମ୍ବର ଚିଠି ମୁତାବକ ଯେଉଁମାନଙ୍କୁ ଦଣ୍ଡବିଧାନ କରାଯାଇଥିଲା। ସେମାନେ ହେଲେ -୧) ଶରଣସିଂହ, କୃତ୍ତିବାସ ପାଟଶାହାଣୀ, ଶିବୁ ନାୟକ ଓ ପିଣ୍ଡିକୀ – ୪ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ; ୨) ଜଳଧର ନାୟକ ଓ ଅନ୍ୟ ୨୨ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ (ବେଡ଼ି ସହିତ); ୩) ଶୁକଦେବ ଦାସ ଓ ଅନ୍ୟ ୩୭ ଜଣଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ (ବେଡ଼ି କିମ୍ବା ତା'ବଦଳରେ ଟ୨୫/-ଙ୍କା ଜୋରିମାନା ସହ); ୪) ନାଲୁ ସାଉ ଓ ଅନ୍ୟ ୧୪ ଜଣଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ (ବେଡ଼ି କିମ୍ବା ତା'ବଦଳରେ ଟ୨୦/-ଙ୍କା ଜୋରିମାନା ସହିତ)। ବାଣପୁର ମାଟିରୁ ବକ୍ସି ଜଗବଂଧୁ ଆରମ୍ଭ କରିଥିଲେ ବିଦ୍ରୋହ ଯାହାଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ପୁନଶ୍ଚ କୃତ୍ତିବାସ ପାଟଶାଣୀଙ୍କ ନେତୃତ୍ୱରେ ହୋଇଥିଲା ଅନ୍ତିମ ବିପ୍ଳବ। ଏହି ବିଦ୍ରୋହରେ ବହୁ ପ୍ରାଣବଳୀ ଦେଇ ଶହୀଦ ହୋଇଛଂତି, କାରାଦଣ୍ଡ ଭୋଗିଛନ୍ତି, ଘରଦ୍ୱାର ଛାଡ଼ି ବାହାରକୁ ଚାଲି ଯାଇଛନ୍ତି। ଏହି ଅବସରରେ ମୋ ସ୍ମୃତି ପଟଳରେ ଉଜ୍ଜୀବିତ ହୋଇରହିଛି କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜଧାନୀ ଦିଲ୍ଲୀରେ ଓଡ଼ିଶାର ପାଇକ ବିଦ୍ରୋହର ଦୁଇଶହ ବର୍ଷର ପୂର୍ତ୍ତି ଉତ୍ସବ। ୨୦୧୭ ଜୁଲାଇ ୨୦ରେ ବିଭିନ୍ନ ପାଇକ ସଂଗଠନର ତିନିଶହରୁ ଉର୍ଦ୍ଧ୍ୱ ପାଇକ ସଂଗ୍ରାମୀ ଦାୟାଦଙ୍କ ନୂଆଦିଲ୍ଲୀ ଅଭିଯାନ ଉଲ୍ଲେଖଯୋଗ୍ୟ ଥିଲା। ଜୁଲାଇ ୨୪ତାରିଖ ଦିନ ବିଜ୍ଞାନ ଭବନଠାରେ ଆୟୋଜିତ ସଭାରେ ତତ୍କାଳୀନ ମହାମହିମ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତତ୍କାଳୀନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କ ଦ୍ୱାରା ଓଡ଼ିଶାର ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଉଦ୍‌ଘୋଷଣା ଏବଂ ଦଳମତ ନିର୍ବିଶେଷରେ ଓଡ଼ିଶାର ଅନେକ ମନ୍ତ୍ରୀ, ସାଂସଦ, ବିଧାୟକ ତଥା ଦିଲ୍ଲୀରେ ରହୁଥିବା ପଦସ୍ଥ ଅଧିକାରୀ, ବିଚାରପତି, ଆଇନଜୀବୀମାନଙ୍କର ଭବ୍ୟ ସମାବେଶ ମୋତେ ପୁଲକିତ କରିଥିଲା। ମୋର ମନେହେଲା, ସତେ ଯେପରି ସମଗ୍ର ଓଡ଼ିଶା ଓଡ଼ିଆ ବୀରତ୍ୱର ଗରିମା ବଖାଣିବା ପାଇଁ ଏକତ୍ର ହୋଇଛି। ସୁପ୍ତ ଓଡ଼ିଆ ଜାତି ଶତସିଂହର ବଳନେଇ ମହାନ୍ ପାଇକ ବିଦ୍ରୋହର ସ୍ମୃତିକୁ ରୋମନ୍ଥନ କରିବାକୁ ଶକ୍ତି ସଂଚାର କରିଛି। ଓଡ଼ିଶାର ବରପୁତ୍ର ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଅସ୍ମିତାର ପରିଚୟ ଦେବାକୁ ଜାତୀୟ ସ୍ତରରେ ଯେଭଳି ପ୍ରଭାବ ବିସ୍ତାର କରି ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଭାବେ ଉପସ୍ଥାପିତ କରିପାରିଲେ ତାହା ଥିଲା ଅବିସ୍ମରଣୀୟ। ଆନ୍ଧ୍ରର ମାନ୍ୟବର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ୨୦୦୮ ମସିହାରେ ପାଇକ ବିଦ୍ରୋହର ୧୯୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ 'ସିପାହୀ ବିଦ୍ରୋହ ନୁହେଁ ପାଇକ ବିଦ୍ରୋହ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ଘୋଷଣା ପାଇଁ ଯେଉଁ ଦାବି କରି ଆସୁଥିଲେ ତାହା ସାର୍ଥକ ହେଲା। ପାଇକ ବିଦ୍ରୋହର ସ୍ମୃତିରକ୍ଷା ପାଇଁ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ୮ଅରୁଣ ଜେଟଲିଙ୍କ ଦ୍ୱାରା ଦୁଇଶହ କୋଟି ଟଙ୍କାର ବଜେଟ ଉଦ୍‌ଘୋଷଣା ଆମ ପାଇଁ କିଛି କମ୍ ଉପଲବ୍ଧି ନଥିଲା। ଏହାର କିଛି ଦିନ ଅନ୍ତରରେ କେନ୍ଦ୍ର ମାନବସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭେଡକର ଓଡ଼ିଶାର ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ଘୋଷଣା କଲେ। ଏନ୍‌ସିଆର୍‌ଟି ଦ୍ୱାରା ପ୍ରକାଶିତ ଅଷ୍ଟମ ଶ୍ରେଣୀ ଝକ୍ଷମସବକ୍ଷ ଝମସ-ରଭମର- ଚବକ୍ସଷ-ଓଓ ପୁସ୍ତକରେ ଏହା ସ୍ଥାନ




ପାଇବା ଅଭିନନ୍ଦନୀୟ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ପାଇକ ବିଦ୍ରୋହକୁ ନେଇ ଡାକଟିକେଟ, ମୁଦ୍ରା ପ୍ରଚଳନ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ବକ୍ସି ଜଗବଂଧୁ ଗବେଷଣା ଚେୟାର ପ୍ରତିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟକ ଏବଂ ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇଁ ଉଚିତ ସମ୍ମାନ। ୨୦୧୯ ଡିସେମ୍ବର ୮ ତାରିଖରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ଆସି ପାଇକ ସ୍ମାରକୀର ଶିଳାନ୍ୟାସ କରିବା ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଧନ୍ୟବାଦାର୍ହ। ଏହି ଅବସରରେ ଖୋର୍ଦ୍ଧା ରାଜ୍ୟର ରାଷ୍ଟ୍ରଦେବୀ ବରୁଣେଇ ପୀଠ ଚଳଚଂଚଳ ହୋଇପଡ଼ିଛି। ଏହା ପାଇକମାନଙ୍କର ହୃତସ୍ପନ୍ଦନ ବୃଦ୍ଧି କରିଛି, ମନୋବଳ ବୃଦ୍ଧି କରିଛି। ଓଡ଼ିଶାକୁ ବିକାଶ ଓ ଉତ୍କର୍ଷର ଚରମ ଶିଖରରେ ପହଂଚାଇବାର ଲକ୍ଷ୍ୟରେ ପାଇକ ସ୍ମାରକୀ ଯେ ନିହାତି ଆଲୋକବର୍ତିକା ହେବ, ଏହା ଜୋର୍ ଦେଇ କହିହେବ। କାରଣ ଅତୀତର ଗୌରବଗାଥା ବର୍ତ୍ତମାନକୁ ଚଳଚଂଚଳ କରେ, ଭବିଷ୍ୟତକୁ ମାର୍ଗଦର୍ଶନ କରେ।

ଐତିହାସିକ, ଶିକ୍ଷାବିତ୍
ଏମ୍-୨୩, ଖୋର୍ଦ୍ଧା ବି.ଡି.ଏ କଲୋନୀ
ଖୋର୍ଦ୍ଧା – ୭୫୨୦୫୫
ଦୂରଭାଷ: ୯୨୩୭୦୮୯୫୦୯

# ସିଦ୍ଧ ସାଧକ-ଯଶୋବନ୍ତ ଗୋସ୍ୱାମୀ

ଓଡିଆ ଜାତିର ସାମାଜିକ,ସାହିତ୍ୟ, ସଂସ୍କୃତି, ପରମ୍ପରା, ଧର୍ମ, ରାଜନୈତିକ ଦର୍ଶନ, ଭାସ୍କର୍ଯ୍ୟ,ରୀତିନୀତି,ଇତିହାସ ଓ ଆଧାତ୍ମିକ ଭାବଭକ୍ତିର ଯେଉଁ ଅଭୂତ ପୂର୍ବ ପରିବର୍ତ୍ତନର ଅଭ୍ୟୁଦୟ ଘଟିଛି ସେ ପଂଚସଖା ଯୁଗକୁ ଓଡିଆ ଜାତି ଭୁଲିନି କି ଭୁଲିବ ନାହିଁ। ଏହି ଯୁଗରେ ୧୪୮୭ ଖ୍ରୀଷ୍ଟାବ୍ଦ ବୈଶାଖ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଜଗତସିଂହପୁର ଅଡଙ୍ଗ ଗଡର ନାଇଲୋ ଗ୍ରାମରେ ଜନ୍ମ ଗ୍ରହଣ କରିଥରଲେ ସିଦ୍ଧ ସାଧକ, ମହାପୁରୁଷ ଯଶୋବନ୍ତ ଦାସ। ତାଙ୍କ ପିତାଙ୍କ ନାମ ଜଗନ୍ନାଥ ମଲ୍ଲିକ ବା ଜଗୁ ମଲ୍ଲିକ ଓ ମାତାଙ୍କ ର ନାମ ରେଖାଦେବୀ। ସେ ଜାତିରେ କ୍ଷତ୍ରୀୟ ଥିଲେ। ସେ କ୍ଷତ୍ରି ଥିବାରୁ ତାଙ୍କର ମଲ୍ଲିକ ଉପାଧି,ପର ଅବସ୍ଥାରେ ମଲ୍ଲ ହୋଇଥିବା ଅନୁମାନ କରାଯାଏ। ଲୋହି ଦାସଙ୍କ ଷଷ୍ଠୀମେଳା ରେ ପିତାଙ୍କ ନାମ ବଳ ଭଦ୍ରମଲ୍ଲ ଉଲ୍ଲେଖ ଅଛି। ଯଶୋବନ୍ତ ଦାସ ମାତୃ ଗର୍ଭରେ ବାର ମାସକାଳ ଧାନମଗ୍ନରେ ରହୁଥିଲେ। ସେ ଜନ୍ମରୁ ଜଟାଜୁଟ ବିମଣ୍ଡିତ ଥିବାର ଦେଖାଯାଇଥିଲା। ଜନ୍ମରୁ ପାଂଚବର୍ଷ ପର୍ଯ୍ୟନ୍ତ ମୌନ ବ୍ରତ ସହିତ ପଦ୍ମାସନରେ ନିର୍ଜନ ବଟ ବୃକ୍ଷ ମୂଳରେ ଧ୍ୟାନ ମଗ୍ନ ରହିଥିଲେ। ଯଶୋବନ୍ତ ଦାସ ମାତ୍ର ବାରବର୍ଷ ବୟସରେ ଶ୍ରୀକ୍ଷେତ୍ର ଧାମରେ ବଟଗଣେଶଙ୍କ ନିକଟରେ ମହାପୁରୁଷ ଜଗନ୍ନାଥ ଦାସଙ୍କ ପିତା ଭଗବାନ ଦାସଙ୍କ ନିକଟରୁ ସଂସ୍କୃତ ଭାଗବତର ବ୍ୟାଖ୍ୟା ଶ୍ରବଣ କରୁଥିଲେ। ଧାନ ଚୋରୀ କେସ୍‌ରେ ଯଶୋବନ୍ତଙ୍କୁ ଶୂଳି ଦେବାକୁ ରାଜା ରଘୁରାମ ହୁକୁମ ଦେଲେ। ଯଶୋବନ୍ତଙ୍କ କାତର ପ୍ରାର୍ଥନାରେ ଶ୍ରୀ ଜଗନ୍ନାଥ ସୁଦର୍ଶନଙ୍କୁ ଆଜ୍ଞା ଦେଲେ ସଭାରେ ଯେତେ ଜନ ଅଛନ୍ତି ସମସ୍ତଙ୍କୁ ଢାଙ୍କି ରଖିବାକୁ। ଯଶୋବନ୍ତଙ୍କ ଦେହରେ ଚତୁର୍ଦ୍ଧମୂର୍ତ୍ତି ଶ୍ରୀ ଜଗନ୍ନାଥଙ୍କର ରୂପ ରଘୁରାମ ଦେଖି ତାଙ୍କ ଗୋଡତଳେ ପଡି କ୍ଷମା ମାଗିଲେ। ଯଶୋବନ୍ତଙ୍କ ଏହି ଅଲୌକିକତା ରେ ପ୍ରଭାବିତ ହୋଇ ରାଜା ରଘୁରାମ ଦମ୍ପତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ଗୁରୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ରଘୁରାମ ଦମ୍ପତି ନିଜର କନ୍ୟା ଅନାକୁ ଯଶୋବନ୍ତଙ୍କୁ ବିବାହ କରିଦେଇଥିଲେ। ଦୁର୍ଭିକ୍ଷ ଯୋଗୁ ଜନସାଧାରଣ ଜମିଦାରଙ୍କ କ୍ଷେତ ଓ ବାଡି ବଗିଚାରୁ ଶସ୍ୟ ଚୋରି କରୁଥିଲେ। ଜମିଦାର ନିଜର ବିଶ୍ୱସ୍ତ ଜ୍ୱାଇଁ ଯାଶୋବନ୍ତଙ୍କୁ ରାତ୍ରୀ ଜଗୁଆଳ ରୂପେ କିଛିଦିନ ନିଯୁକ୍ତ କରି ଦେଲେ। ନିଶାର୍ଦ୍ଧରେ ଚୋର ଶସ୍ୟ କ୍ଷେତ୍ରରେ ପହଂଚିବା କ୍ଷଣି ବୃକ୍ଷ ଗୁଡିକ ରାମନାମ ଜପ କରନ୍ତି। ରାମନାମ ଶୁଣି ଚୋର ଭୟରେ ପଳାୟନ କରନ୍ତି। ଶସ୍ୟ ବୃକ୍ଷ ଗୁଡିକଙ୍କ ରାମନାମ ଭଜନ ଶୁଣି ଜମିଦାର ଆଶ୍ଚର୍ଯ୍ୟ ହେଉଥିଲେ। ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ର ଆଗମନ କରିଥିବା ସମୟରେ ପଂଚସଖା ଗଣ ତାଙ୍କ ଠାରୁ ମନ୍ତ୍ର ଦୀକ୍ଷା ଗ୍ରହଣ କରିଥିଲେ। ଯଶୋବନ୍ତ ଦାସଙ୍କୁ ଶ୍ୟାମ ପଂଚାକ୍ଷର ମନ୍ତ୍ର ଶ୍ରୀଚୈତନ୍ୟ ଦେବ ପ୍ରଦାନ କରିଥିଲେ। ତତ୍କାଳୀନ ଗଜପତି ରାଜା ପ୍ରତାପରୁଦ୍ର ଦେବ ଓ ତାଙ୍କର ମହାମନ୍ତ୍ରୀ ରାମାନନ୍ଦ ମଧ୍ୟ ଶ୍ରୀଚୈତନ୍ୟଙ୍କ ଠାରୁ ବୈଷ୍ଣବ ଧର୍ମ ଗ୍ରହଣ କରିଥିଲେ। ଦିନକର କଥା, ଯଶୋବନ୍ତ ଦାସ ନିଶାର୍ଦ୍ଧରେ ହରିନାମ କରି ଶିଷ୍ୟମାନଙ୍କ ସହିତ ପାଦରେ ଚାଲି ଚାଲି ଶ୍ରୀକ୍ଷେତ୍ରକୁ ଯାଉଥିବା ସମୟରେ ଚନ୍ଦନପୁର ନିକଟରେ ଏକ ବ୍ରହ୍ମ ରାକ୍ଷସ ହାବୁଡରେ ପଡିଗଲେ। ବ୍ରହ୍ମରାକ୍ଷସ ତାଙ୍କ ପଥରୋଧ କଲା। କିନ୍ତୁ ଯଶୋବନ୍ତ ଭୟ କଲେ ନାହିଁ। ବ୍ରହ୍ମରାକ୍ଷସକୁ ଆଦେଶ ଦେଲେ, ହେ ବ୍ରହ୍ମରାକ୍ଷସ ତୁ ମୋତେ ତୋ କାନ୍ଧ ଉପରେ ବସାଇ ଶ୍ରୀକ୍ଷେତ୍ରକୁ ନେଇଚାଲ। ବ୍ରହ୍ମରାକ୍ଷସ ଯଶୋବନ୍ତଙ୍କ କଥା କୁ ମାନି ତାଙ୍କୁ କାନ୍ଧରେ ବସାଇ ପୁରୀ ଅଭିମୁଖେ ଗମନ କଲା। ଏ ଖବର ଗଜପତି ରାଜା ପ୍ରତାପରୁଦ୍ରଙ୍କ କର୍ଣ୍ଣ ଗୋଚର ହେଲା। ତେଣୁ ରାଜା ରାଜଉଆସରୁ ବାହାରି ଶିଶୁ ଯଶୋବନ୍ତଙ୍କୁ ଦର୍ଶନ କରି ପଚାରିଲେ, ଏ ବ୍ରହ୍ମରାକ୍ଷସ କେଉଁ ଆଡେ ଯିବ? ଏହା ଶୁଣି ଯଶୋବନ୍ତ କହିଲେ ଆଜି ଠାରୁ ଏ ବ୍ରହ୍ମରାକ୍ଷସ ବାବନା ଭୂତ ନାମରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ରହିବ। ଅନ୍ୟାୟ, ଅନୀତି ଓ ରାକ୍ଷସ ସଂପନ୍ନ ମନୁଷ୍ୟ ମାନଙ୍କୁ ସଂହାର କରିବ। ଏ ବାବନା ଭୂତ ରଥ ସମୟରେ ତିନି ରଥର ସୁରକ୍ଷା ଦାୟିତ୍ୱ ବହନ କରିବ। ଯଶୋବନ୍ତ ବହୁତ ଅଦ୍ଭୁତ ଲିଳା ଜନସାଧାରଣଙ୍କ ନିକଟରେ ଦେଖାଇଛନ୍ତି। ପୁରୀରୁ ଗ୍ରାମକୁ ଫେରିବାକୁ ହାତରେ ବାଟ ଖର୍ଚ୍ଚ ନାହିଁ। ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାରୁ ଶ୍ରୀ ଜଗନ୍ନାଥ ନିଜେ ରତ୍ନକୁଣ୍ଡଳ ଯଶୋବନ୍ତଙ୍କୁ ପ୍ରଦାନ କଲେ। ସେବକ ମାନେ ପ୍ରଭୁଙ୍କର କର୍ଣ୍ଣର କୁଣ୍ଡଳ ନ ଦେଖି ରାଜାଙ୍କୁ ଜଣାଇଲେ। ଉକ୍ତ କୁଣ୍ଡଳଟି ଯଶୋବନ୍ତଙ୍କ ନିକଟରୁ ବାହାରିବାରୁ ତାଙ୍କୁ, ଜେଲ ହୋଇଗଲା। ଜଗନ୍ନାଥ ରାଜାଙ୍କୁ ସ୍ୱପ୍ନାଦିଷ୍ଟ ହୋଇ ଭକ୍ତ ଯଶୋବନ୍ତଙ୍କୁ ସସମ୍ମାନେ ମୁକ୍ତି କରିବାକୁ ନିର୍ଦ୍ଦେଶ ଦେଲେ। ଯୋଗଜନ୍ମା ଯଶୋବନ୍ତ ଦାସ ଓଡିଆ ସାହିତ୍ୟ ଭଣ୍ଡାରକୁ ଯେଉଁ ଗ୍ରନ୍ଥମାନ ଦାନ କରିଯାଇଛନ୍ତି ତାର ତୁଳନା ନାହିଁ। ସେହି କାଳଜୟୀ ମହାପୁରୁଷ ଯେଉଁ ଗ୍ରନ୍ଥମାନ


ଅକ୍ଷୟ କୁମାର ରାଉତ

ଲେଖିଛନ୍ତି ସେ ଗୁଡିକ ହେଉଛି – ଶିବ ସ୍ୱରୋଦୟ, ପ୍ରେମଭକ୍ତି ଗୀତ, ଗୋବିନ୍ଦଚନ୍ଦ୍ର ଟୀକା, ରାସ, ମାଳିକା, ଆଗତ ଭବିଷ୍ୟମ ଧାନଚୋରି, ବାଘ ଲିଳା, ଭଜନ ସାର, ଚଉରାଅଶୀ ଆଜ୍ଞା। ଓଡିଆ ଜାତିର ବ୍ରହ୍ମଜ୍ଞାନୀ, ଭକ୍ତି ଭାବ ଧାରର କବି ଯଶୋବନ୍ତ ଦାସ ନିଜ ଜନ୍ମସ୍ଥାନ ଅଡଙ୍ଗଗଡ ନନ୍ଦିଗ୍ରାମ (ନାଇଲୋ)ରେ ଶେଷ ଜୀବନ କଟାଇଥିଲେ। ମୃତ୍ୟୁ ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ଓ ପତ୍ନୀଙ୍କୁ ନିଜର ଇଚ୍ଛା ମୃତ୍ୟୁର ସୂଚନା ଦେଇଥିଲେ। ସେହି ଦିନଟି ଥିଲା ମାର୍ଗଶୀର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିର ବ୍ରାହ୍ମମୁହୂର୍ତ୍ତ ୧୫୭୦ ମସିହା। ସିଦ୍ଧ ସାଧକ ଯଶୋବନ୍ତ ଗୋସ୍ୱାମୀ ଭୂ-ଗର୍ଭରେ ମହାସମାଧି ନେଲେ। ତା ପରଦିନ ଅଡଙ୍ଗ ଗଡ ର କେତେ ଜଣ ବେପାରି କଲିକତାରୁ ଫେରିବା ସମୟରେ ବାଟରେ ଯଶୋବନ୍ତ ଦାସଙ୍କୁ ଏକୁଟିଆ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରନ୍ତେ ଯଶୋବନ୍ତ କହିଲେ ସେ ଏକାକୀ ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ବାହାରି ପଡିଲେ। ମୋର ଏହି ଗଡୁ ନିଅ ରାଜା ରଘୁରାମଙ୍କୁ ଦେଇ କହିବ ଭୂଷଣ୍ଡ ଶିଷ୍ୟକୁ ଶୀଘ୍ର ପଠାଇ ଦେବେ। ବେପାରୀମାନେ ଆସି ରଘୁରାମକୁ ଗଡୁ ଦେଇ କହିଲେ। କିନ୍ତୁ ତା ପୂର୍ବ ଦିନ ଯଶୋବନ୍ତ ସମାଧି ନେବାରୁ ହରି କୀର୍ତ୍ତନ ଲାଗିଛି, ତାଙ୍କର ପ୍ରିୟ ଶିଷ୍ୟ ଭୂଷଣ୍ଡ କୀର୍ତ୍ତନ କରୁଥିଲେ। ଏହା ଶୁଣି ସେ ଭୂତଳରେ ପତିତ ହେଲେ। ତାଙ୍କର ଜୀବଆତ୍ମା ଶରିର ଛାଡିଚାଲିଗଲା। ସମସ୍ତେ ଦେଖିଲେ ଭୂଷଣ୍ଡ ନିର୍ଜିବ। ସେଥିପାଇଁ ମହାପୁରୁଷ ଯଶୋବନ୍ତ ଦାସ ନ୍ତଶିବ ସ୍ୱରୋଦୟନ୍ତ ରେ ରଚନା କରିଛନ୍ତି-
ଏବଂ ଭୂତ ଯେଉଁ ପ୍ରଭୁ ତାଙ୍କ ପଂଚଭୂତ
ଏକଭୂତ ସଖା ଯେ ଅଟଇ ଯଶୋବନ୍ତ।
ଏହି ମାର୍ଗଶୀର ଶୁକ୍ଳ ଷଷ୍ଠି(ଓଡଣ ଷଷ୍ଠୀ) ଦିନ ସିଦ୍ଧସାଧକ ଯଶୋବନ୍ତ ଦାସ ମହାପୁରୁଷଙ୍କୁ ସ୍ମରଣ କରି ଉତ୍କଳୀୟ ଜନ ସାଧାରଣ ମହାସମାଧି ପୀଠକୁ ଯାତ୍ରା କରନ୍ତି ଓ ଅନ୍ତରର ଭକ୍ତି ନୈବ୍ୟଦ୍ଧ୍ୟ ଅର୍ପଣ କରିଥାଆନ୍ତି। ଗୋସ୍ୱାମୀ ଯଶୋବନ୍ତ ଦାସ ଭକ୍ତ ମାନଙ୍କୁ ବାହୁ ପ୍ରସାରି ଆଶୀର୍ବାଦ କରିଆନ୍ତି ଓ କୁହନ୍ତି ମୁଁ ସର୍ବଦା ତୁମ୍ଭମାନଙ୍କ ନିକଟରେ ଅଛି। ସେ ଦେହାବସାନ କଲେ ସିନା ମାତ୍ର ସେ ଆଜି ମରି ବି ଅମର।

ପାରାଦ୍ୱୀପଗଡ,କୁଜଙ୍ଗ,ଜଗତସିଂହପୁର
ମୋ-୯୯୩୭୬୯୧୪୭୫




## ମୋଦି ସରକାରଙ୍କ ୭ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଆୟୋଜିତ

ଭୁବନେଶ୍ୱର:ଗତ ମେ ୩୦ ତାରିଖରେ କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ଦିବସକୁ ବିଜେପି ତରଫରୁ ଦେଶବ୍ୟାପୀ "ସେବା ଦିବସ" ଭାବେ ପାଳନ କରାଯାଇଛି । ସେବା ଦିବସ ଅବସରରେ ରାଜ୍ୟର ସମସ୍ତ ୬୭୯୮ ପଂଚାୟତ ଏବଂ ସହରାଂଚଳରେ ଏହି ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଛି । କରୋନା ଗାଇଡଲାଇନକୁ ସଂପୂର୍ଣ୍ଣ ଭାବେ ପାଳନ କରି ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ପ୍ରତ୍ୟେକ ପଂଚାୟତ ଏବଂ ସହରାଂଚଳର ବିଭିନ୍ନ ୱାର୍ଡମାନଙ୍କରେ ସେବା କାର୍ଯ୍ୟ ଜରିଆରେ ମାସ୍କ, ସାନିଟାଇଜର, ଶୁଖିଲା ଓ ରନ୍ଧା ଖାଦ୍ୟ, ଥର୍ମାଲଗନ୍, ଅକ୍ସିମିଟର, ପିପିଇ କିଟ୍, ପଶୁ ଖାଦ୍ୟ ବଂଟନ କରିଥିଲେ ।ସେବା ଦିବସ ଉପଲକ୍ଷେ ଦେଶବ୍ୟାପୀ ୫୦ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଓଡିଶା ପ୍ରଦେଶର ପ୍ରତ୍ୟେକ ସାଂଗଠନିକ ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜିତ କରାଯାଇ ରକ୍ତ ସଂଗ୍ରହ କରାଯାଇଥିଲା । ପାର୍ଟୀର ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଏବଂ ସମସ୍ତ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଂଚଳରେ ରେଡକ୍ରସ ଓ ଜିଲ୍ଲା ପ୍ରଶାସନର ସହାୟତାରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ପାର୍ଟୀର ୭ଟି ମୋର୍ଚ୍ଚା; ଯୁବ, ମହିଳା, କୃଷକ, ଏସଟି, ଏସସି, ସଂଖ୍ୟାଲଘୁ, ଓବିସି ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଏହି ରକ୍ତଦାନ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପାର୍ଟୀ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସ୍ୱେଚ୍ଛାସେବୀମାନେ ଶିବିରରେ ଯୋଗଦାନ କରି ରକ୍ତଦାନ ଭଳି ମହତ୍ ସେବା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ ।

## ଅନ୍ ଲାଇନ୍ ରେ ଆବେଦନ କରିପାରିବେ ଆର୍ଥିକ କ୍ଷତିଗ୍ରସ୍ତ

ଭୁବନେଶ୍ୱର: ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନର ଅର୍ଥ ଜମାକରି କ୍ଷତିଗ୍ରସ୍ତ ହୋଇଥିବା ଜମାକାରୀମାନଙ୍କୁ ଚିହ୍ନଟ ଓ ସେମାନଙ୍କର ବାସ୍ତବ ଜମା ରାଶିର ପରିମାଣ ନିରୁପରଣ ନିମନ୍ତେ ସଂପୃକ୍ତ ଜମାକାରୀମାନଙ୍କଠାରୁ ଅନ୍‌ଲାଇନ୍ ରେ ଦାବି ଦରଖାସ୍ତ ଆହ୍ୱାନ ନିମନ୍ତେ ରାଜ୍ୟ ସରକାର ଏକ ନୂତନ ୱେବ୍‌ସାଇଟ୍ ର ଆରମ୍ଭ କରିଛନ୍ତି। ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାରଭର୍ଚୁଆଲ୍ ମୋଡ୍ ରେ ଏହାର ଉନ୍ମୋଚନ କରିଛନ୍ତି । କ୍ଷତିଗ୍ରସ୍ତ ଜମାକାରୀମାନେ www.opid.odisha.gov.in ରେ ଆବେଦନ କରିପାରିବେ । କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ଦରଖାସ୍ତ ଦେବା ପାଇଁ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ । ଏଣିକି ସେମାନେ ନିଜ ଘରୁ କିମ୍ବା ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ସହାୟତା ନେଇ ଅନ୍ ଲାଇନ୍ ରେ ସେମାନଙ୍କ ଦାବି ଦରଖାସ୍ତ ଦାଖଲ କରିପାରିବେ । ନିକଟସ୍ଥ 'ମୋ ସେବା କେନ୍ଦ୍ର'ର ଠିକଣା ରାଜ୍ୟ ସରକାରଙ୍କ ଡବ୍ଲୁଡବ୍ଲୁଡବ୍ଲୁ .ଓଡିଶା .ଜିଓଭି .ଇନ୍ ସାଇଟ୍ ରେ ଉପଲବ୍ଧ ଅଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ହାଇ-ଟେକ୍ ଇଷ୍ଟେଟସ୍ ଓ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ରାଜଧାନୀ ସିଷ୍ଟମ୍ ଓ ଇଷ୍ଟେଟସ୍ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର କଲ୍ୟାଣ ବିହାର, କଲ୍ୟାଣ ବିହାର ଫେଜ-୨, ଭାଗ୍ୟନଗର, କୁଞ୍ଜବିହାର ଓ ପୁଷ୍ପାଞ୍ଜଳି ଏନ୍‌କ୍ଲେଭ୍ ଯୋଜନାରେ ବସୋପଯୋଗୀ ଜମି (ପ୍ଲଟ୍) ପାଇଁ ଟଙ୍କା ଜମା ଦେଇ କୌଣସି ଜମି(ପ୍ଲଟ୍) ନପାଇ କିମ୍ବା ଜମାରାଶି ଫେରସ୍ତ ନପାଇ କ୍ଷତିଗ୍ରସ୍ତ ହୋଇଥିବା ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ ଓ ସେମାନଙ୍କର ବାସ୍ତବ ଜମାରାଶିର ପରିମାଣ ନିରୁପଣ ନିମନ୍ତେ ସଂପୃକ୍ତ ଜମାକାରୀମାନଙ୍କ ଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଜୁନ ୪ରୁ ୧୯ ତାରିଖ ପର୍ଯ୍ୟନ୍ତ ଦାବି ଦରଖାସ୍ତ ଆହ୍ୱାନ କରାଯାଉଛି। ଜମାକାରୀମାନେ ଅନ୍‌ଲାଇନ୍ ଆବେଦନ କଲାବେଳେ କୌଣସି ବୈଷୟିକ ଅସୁବିଧାର ସମ୍ମୁଖୀନ ହେଲେ ତାହାର ସମାଧାନ ପାଇଁ ଟୋଲ୍ ଫ୍ରି ନମ୍ବର ମଧ୍ୟ ଜାରି କରାଯାଇଛି ।ଏହା ପରେ ଜମାକାରୀମାନଙ୍କ ଅର୍ଥ ଆତ୍ମସାତ୍ କରିଥିବା ଯେଉଁସବୁ ପ୍ରତିଷ୍ଠାନର ଜବତ ସ୍ଥାବର ଓ ଅସ୍ଥାବର ସଂପତି ବାଜ୍ୟାପ୍ତ ନିମିତ ସରକାର ଦେଇଥିବା ଅନ୍ତରୀଣ କୋରଖ ଆଦେଶକୁ ପଦନାମିତ ନ୍ୟାୟାଳୟମାନେ ନିରଙ୍କୁଶ କରିଛନ୍ତି । ପର୍ଯ୍ୟାୟ କ୍ରମେ ସେହିସବୁ କମ୍ପାନୀର କ୍ଷତିଗ୍ରସ୍ତ ଜମାକାରୀମାନଙ୍କଠାରୁ ଅନଲାଇନ୍ ଦାବି ଦରଖାସ୍ତ ଆହ୍ୱାନ କରାଯିବ ।ପୂର୍ବରୁ ମେସର୍ସ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀସମୂହର କ୍ଷତିଗ୍ରସ୍ତ ଜମାକାରୀମାନଙ୍କଠାରୁ ଅଫ୍ ଲାଇନ୍ ରେ ଦାବି ଆବେଦନ ଆହ୍ୱାନ କରାଯାଇଥିଲା। ସେହିସବୁ ଦାବି ଆବେଦନ ପତ୍ର ଗ୍ରହଣ, ତାହାର ଡିଜିଟାଇଜେସନ୍, ଡିଜିଟାଇଜ ଡାଟା ଅନୁସାରେ କ୍ଷେତ୍ରୀୟ ତଦନ୍ତ ରିପୋର୍ଟର ଡିଜିଟାଇଜେସନ୍ ଆଦି କାର୍ଯ୍ୟ ସମୟ ସାପେକ୍ଷ, କଷ୍ଟକର ଓ ବ୍ୟୟବହୁଳ ଥିଲା । ଏହାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ଜମାକାରୀଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଏକ ସହଜ ଓ ସରଳ ୱେବ୍‌ସାଇଟ୍ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର (ଓକାକ୍) ଜରିଆରେ ଡିଜାଇନ କରିଛନ୍ତି ।ଏହି ୱେବ୍‌ସାଇଟ୍ ଉନ୍ମୋଚନ ଉତ୍ସବରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ ମୀନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ।ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ନୃସିଂହ ଚରଣ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତଥା କ୍ଷମତାସଂପନ୍ନ ପ୍ରାଧିକାରୀ, କଟକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅର୍ଥ ବିଭାଗର ଯୁଗ୍ମ ଶାସନ ସଚିବ ଚିତରଞ୍ଜନ ହୋତା, ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାର ଏସ୍.ପି ଜ୍ଞାନରଞ୍ଜନ ମହାନ୍ତି, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟର ଜେନେରାଲ୍ ମ୍ୟାନେଜର (ପ୍ରଶାସନ) ମଧୁମିତା ରଥ, ସ୍ୱତନ୍ତ୍ର ସରକାରୀ ଓକିଲ, କଟକ ସୁବ୍ରତ କୁମାର ମହାନ୍ତି, ଅର୍ଥ ବିଭାଗର ଅନୁଶାସନ ସଚିବ ଅଶୋକ କୁମାର ମିଶ୍ର ଓ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଂଟରର ସିଷ୍ଟମ୍ ଆନାଲିଷ୍ଟ ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କେଜ୍ କଲଚର ମାଧ୍ୟମରେ ଜଳଭଣ୍ଡାରରେ ମାଛଚାଷର ପର୍ଯ୍ୟାପ୍ତ ସୁଯୋଗ ରହିଛି: କୃଷି ମନ୍ତ୍ରୀ

ଭୁବନେଶ୍ୱର : କେଜ କଲଚର ମାଧ୍ୟମରେ ରାଜ୍ୟର ଜଳଭଣ୍ଡାରରେ ମାଛଚାଷର ପର୍ଯ୍ୟାପ୍ତ ସୁଯୋଗ ରହିଛି । ସଂପ୍ରତି କେଜ କଲଚରକୁ ଜଳଭଣ୍ଡାରରେ ମାଛଚାଷର ଭବିଷ୍ୟତ ବୋଲି ବିବେଚନା କରାଯାଉଛି। କେଜ କଲଚର ମାଧ୍ୟମରେ ରାଜ୍ୟରେ ଥିବା ଜଳଭଣ୍ଡାରଗୁଡ଼ିକରୁ ବର୍ଷକୁ ୧ ଲକ୍ଷ ୨୫ ହଜାର ଟନରୁ ଅଧିକ ମାଛ ଉତ୍ପାଦନ କରାଯାଇପାରିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର ଆୟୋଜିତ ଏକ ଭର୍ଚୁଆଲ ବୈଠକରେ ହୀରାକୁଦ ଜଳଭଣ୍ଡାରରେ କେଜ କଲଚର ପଦ୍ଧତିରେ ମାଛଚାଷ ନିମନ୍ତେ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଉଦ୍ୟୋଗୀମାନଙ୍କ ସହିତ ସେମାନଙ୍କ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ ଡ. ସାହୁ ଉଦ୍ୟୋଗୀମାନଙ୍କୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ କହିଥିଲେ । ବିଭାଗ ପକ୍ଷରୁ ପ୍ରକଳ୍ପ ପ୍ରତିଷ୍ଠା ଦିଗରେ ଉଦ୍ୟୋଗୀମାନଙ୍କୁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଉଦ୍ୟୋଗୀମାନେ ଯେପରି ସହଜରେ ବ୍ୟାଙ୍କ ଋଣ ପାଇପାରିବେ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସଂପ୍ରତି ହୀରାକୁଦ ଜଳଭଣ୍ଡାରର ୪୪ଟି ସବ୍‌ଜୋନ୍ ରେ ଏହି ମାଛଚାଷ କରାଯିବ। ଜଳଭଣ୍ଡାରରେ ପଂଜୁରୀ ନିର୍ମାଣ କରି ମାଛଚାଷ କରିବା ଯେହେତୁ ଏକ ନୂତନ ପଦ୍ଧତି, ତେଣୁ ଏ ବିଷୟରେ ସରକାରଙ୍କ ପକ୍ଷରୁ ଉଦ୍ୟୋଗୀମାନଙ୍କୁ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାର ବୃହତ ଓ ମଧ୍ୟମ ଜଳଭଣ୍ଡାରରେ କେଜ କଲଚର ପଦ୍ଧତିରେ ମାଛଚାଷକୁ ପ୍ରୋତ୍ସାହିତ କରିବା ନିମନ୍ତେ ନୂତନ ନୀତି ପ୍ରଣୟନ କରିଛନ୍ତି ଏବଂ ଏଥି ନିମନ୍ତେ ଉଦ୍ୟୋଗୀମାନଙ୍କୁ ରିହାତି ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହା ଦ୍ୱାରା ନୂତନ ଉଦ୍ୟୋଗୀ ସୃଷ୍ଟି ହେବା ସହିତ ଅନେକ ନିଯୁକ୍ତିର ସୁଯୋଗ ରହିଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ।ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର. ରଘୁପ୍ରସାଦ କହିଲେ ଯେ ହୀରାକୁଦ ଜଳଭଣ୍ଡାରରେ କେଜ କଲଚର ପଦ୍ଧତିରେ ମାଛଚାଷ କରିବା ପାଇଁ ୩୯ ଜଣ ଉଦ୍ୟୋଗୀ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ହୀରାକୁଦ ଜଳଭଣ୍ଡାରରେ ଭବିଷ୍ୟତରେ ପ୍ରାୟ ୧୫ ହଜାର କେଜ ନିର୍ମାଣ କରାଯାଇ ମାଛଚାଷ କରିବାର ସୁବିଧା ରହିଛି । ଜଳଭଣ୍ଡାରରେ ଜେଟି, ଅବତରଣ କେନ୍ଦ୍ର ଆଦି ଭିତିଭୂମି ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ଇଡ୍‌କୋ ସହିତ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ସଚିବ ଶ୍ରୀ ରଘୁପ୍ରସାଦ କହିଥିଲେ ।ବୈଠକ ପ୍ରାରମ୍ଭରେ ମତ୍ସ୍ୟ ନିର୍ଦ୍ଦେଶକ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ କେଜ କଲଚର ନିର୍ମାଣର ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ମତ୍ସ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ କେଜ କଲଚର ଉଦ୍ୟୋଗୀମାନେ ଯୋଗଦେଇଥିଲେ।

## ଅନଲାଇନ୍ ର ମିଳିବ ହସ୍ତତନ୍ତ ଶାଢ଼ି :ଉତ୍କଳିକାର ନିଜସ୍ୱ ୱେବ୍ ସାଇଟ୍ ଲୋକାର୍ପିତ

ଭୁବନେଶ୍ୱର : ଉତ୍କଳିକାର ନିଜସ୍ୱ ୱେବ୍‌ସାଇଟ୍ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନଙ୍କ ଦ୍ୱାରା ଗୁଗୁଲ ମିଟ୍ ମାଧ୍ୟମରେ ଲୋକାର୍ପିତ ହୋଇଯାଇଛି। ଡବ୍ଲୁଡବ୍ଲୁଡବ୍ଲୁ ହଟ୍ ଉତ୍କଳିକାଓଡିଶା ଡଟ୍ କମ୍ ରେ ଲଗ୍ ଇନ୍ କରି ଏବଂ ଗୁଗୁଲ ପ୍ଲେ ଷ୍ଟୋରରୁ ଉତ୍କଳିକା ଆପ୍ ଡାଉନ୍‌ଲୋଡ୍ କରି ପସନ୍ଦ ମୁତାବକ ହସ୍ତତନ୍ତ ଶାଢ଼ି ଓ ଅନ୍ୟାନ୍ୟ ସାମଗ୍ରୀ ଅର୍ଡର କରିପାରିବେ। ବର୍ତମାନ ସମ୍ବଲପୁରୀ ଶାଢ଼ି ସହିତ ପଟ୍ଟଚିତ୍ର, ଶାଢ଼ି, ରଘୁରାଜପୁର ପଟ୍ଟଚିତ୍ର, ଜନଜାତି ଅଳଙ୍କାର ଏବଂ ଓଡ଼ିଶା ଗହଣା ଇତ୍ୟାଦି ବିକ୍ରୟ ପାଇଁ ଉପଲବ୍ଧ ଅଛି । ନିକଟ ଭବିଷ୍ୟତରେ ବିଭିନ୍ନ ପ୍ରକାରର ଓଡ଼ିଶା କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀ ଏହି ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। କୋଭିଡ୍-୧୯ ଯୋଗୁଁ ଓଡ଼ିଶାର ବିଭିନ୍ନ ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପକୁ ଆଧାର କରି ଜୀବିକା ନିର୍ବାହକରୁଥିବା ବ୍ୟବସାୟମାନ ବିଶେଷ ଭାବ ରେ କ୍ଷତିଗ୍ରସ୍ତ ହୋଇଛି । ଏଣୁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଉତ୍କଳିକା ଅନ୍‌ଲାଇନ୍ ବ୍ୟବସାୟ ମାଧ୍ୟମରେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ବିକ୍ରୟ କରିବାକୁ ମନସ୍ଥ କରି ନିଜସ୍ୱ ୱେବ୍‌ସାଇଟ୍ ଆରମ୍ଭ କରିଛି । ଏହା ଦ୍ୱାରା ଉଭୟ ହସ୍ତଶିଳ୍ପୀ ଓ ଗ୍ରାହକମାନେ ବହୁଳ ଭାବ ଉପକୃତ ହେବା ସଙ୍ଗେ ସଙ୍ଗେ ଉତ୍କଳିକାର ବ୍ୟବସାୟର ପୁନରୁଦ୍ଧାର ହୋଇ ମାନ୍ଦାବସ୍ଥାରୁ ମୁକ୍ତି ପାଇଁ ଆଶା କରାଯାଉଛି। ଅନ୍‌ଲାଇନ୍ ବ୍ୟବସାୟ ଦ୍ୱାରା ଘରେ ବସି ମଧ ଗ୍ରାହକମାନେ ଉତମ ସେବା ପାଇପାରିବେ । ଉତ୍କଳିକା ମାଧ୍ୟମରେ ମଧ ଉତ୍ପାଦଗୁଡ଼ିକ ଆହୁରି ଅଧିକରୁ ଅଧିକ ଲୋକାଭିମୁଖୀ ହେବାର ସୁଯୋଗ ରହିବ ।ଫିଡ୍‌ବ୍ୟାକ୍ ମାଧ୍ୟମରେ ମଧ ଉତ୍କଳିକା ଗ୍ରାହକମାନଙ୍କ ଚାହିଦା ମୁତାବକ ଉତ୍ପାଦଗୁଡ଼ିକର ଆହୁରି ଆଧୁନିକୀକରଣ ଓ ଯୁଗୋପଯୋଗୀ କରି ଆକର୍ଷଣୀୟ କରିବାର ସଂକଳ୍ପ ନେଇଛି ।ଏହି ଲୋକାର୍ପଣ ଉତ୍ସବରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଅତିରିକ୍ତ ଶାସନ ସଚିବ ସରୋଜ କୁମାର ପଟେଲ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶକ ସନାତନ ନାୟକ, ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ସ୍ୱୟଂପ୍ରଭା ମୁଦୁଲି ଯୋଗଦେଇଥିଲେ ।ଉତ୍କଳିକାର ଶିଳ୍ପ ବିକାଶ ଅଧିକାରୀ ଶ୍ରୀମତୀ ରଶ୍ମିରେଖା, ହସ୍ତଶିଳ୍ପ ବିକାଶ ଅଧିକାରୀ ଶ୍ରୀମତୀ ପଦ୍ମିନୀ ମିଶ୍ର, ହସ୍ତଶିଳ୍ପ ବିକାଶ ଅଧିକାରୀ ପ୍ରୀତିଶ୍ କୁମାର ବେହେରାଙ୍କ ସମେତ ଉତ୍କଳିକାର କର୍ମଚାରୀମାନେ ମଧ ଏହି ଉତ୍ସବରେ ଗୁଗୁଲ୍ ମିଟ୍ ମାଧ୍ୟମରେ ଯୋଗ ଦେଇଥିଲେ ।

### ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବାଲୁକା କଳା

ପୁରୀ:ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ବାଲୁକା କଳା ନିର୍ମାଣ କରିଛନ୍ତି ।ଏ ବର୍ଷର ବିଷୟ ଇକୋ ସିଷ୍ଟମ ରେଷ୍ଟୋରେସନ କୁ ଗୁରୁତ୍ୱ ଦେଇ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ବାଲୁକା କଳା ନିର୍ମାଣ କରିଛନ୍ତି । ସେ ତାଙ୍କ ବାଲୁକା କଳା ରେ ବୃକ୍ଷ ରୋପଣ କରିବା ର ଦୃଶ୍ୟ ଦେଖାଇବା ସହିତ ଧରିତ୍ରୀ ମାତା କିପରି ସବୁଜିମା ରେ ଭରପୂର ହୋଇ ପରିବେଶ ଅତ୍ୟନ୍ତ ସରସ ସୁନ୍ଦର ଏବଂ ମନୋଲୋଭା ହେବାର ଦୃଶ୍ୟ ସେ ଅତି ସୁନ୍ଦର ଏବଂ ନିଖୁଣ ଭାବରେ ଦର୍ଶାଇଛନ୍ତି ।ଏହି ବାଲୁକା କଳା ନିର୍ମାଣ କରିବା କୁ ମାନସ ସାହୁ ଙ୍କୁ ୭ ଘଣ୍ଟା ସମୟ ଲାଗିଥିଲା।

## ବୈତରଣୀ ନଦୀବନ୍ଧରେ ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କର: ଜଳସମ୍ପଦ ମନ୍ତ୍ରୀ

ଭୁବନେଶ୍ୱର : ଯାଜପୁର ଜିଲ୍ଲା କୋରେଇ ବିଧାନସଭା ମଣ୍ଡଳୀ ଓ କେଉଁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀର ଯେଉଁସବୁ ଅଂଚଳରେ ବୈତରଣୀ ବାମପାର୍ଶ୍ୱ ଏବଂ ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧ ସୁଦୃଢୀକରଣ କାର୍ଯ୍ୟ କରାଯାଇଛି, ସେସବୁର କେତେକ ଜରୁରୀ ଆବଶ୍ୟକତା ଥିବା ଅନ୍ତତଃ ୪-୫ଟି ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣ ଶୀଘ୍ର ସଂପୂର୍ଣ୍ଣ କରିବାକୁ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଜଳସଂପଦ ବିଭାଗର ସଂପୃକ୍ତ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଏବଂ ପରାମର୍ଶ ଦେଇଛନ୍ତି । ଏ ସଂପର୍କରେ ଭର୍ଚୁଆଲ ବ୍ୟବସ୍ଥାରେ ଏକ ବୈଠକ ଗୁରୁବାର ସଂଧ୍ୟାରେ ଜଳସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏବଂ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେଇ ଉପରୋକ୍ତ ନଦୀ ବନ୍ଧରେ କେତେକ ସ୍ଥାନରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରା ଯାଇନଥିବା ଯୋଗୁଁ ନିଜ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଂଚଳରେ ଯେଉଁ ସମସ୍ୟା ଉପୁଜୁଛି, ସେ ସଂପର୍କରେ ପ୍ରକାଶ କରିଥିଲେ । ଏଥି ଯୋଗୁଁ କୃଷି ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଜନସାଧାରଣ ଅସୁବିଧାରେ ପଡୁଥିବା ବିଧାୟକ ଦ୍ୱୟ ଜଳସଂପଦ ମନ୍ତ୍ରୀ ଓ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆହୁରି ମଧ୍ୟ ନଦୀର ଦୁଇ ପାର୍ଶ୍ୱରେ କେତେକ ସ୍ଥାନରେ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇନଥିବା ଫଳରେ ସମସ୍ୟା ରହିଥିବା ଓ ଆଉ କେତେକ ସ୍ଥାନରେ ଜମି ଅଧିଗ୍ରହଣ ସଂପର୍କିତ ପ୍ରାପ୍ୟ ପ୍ରଦାନରେ ବିଳମ୍ବିତ ହୋଇଥିବା ସଂପର୍କରେ ଆଲୋଚନା କରାଯାଇଥିଲା । ୪-୫ ବର୍ଷ ହେଲା ବୈତରଣୀ ନଦୀବନ୍ଧର ସୁଦୃଢୀକରଣ ନେଇ ଭଲ କାର୍ଯ୍ୟ ହେଉଥିଲେ ମଧ୍ୟ ସ୍ଲୁଇସ୍ ଗେଟ୍ ନିର୍ମାଣରେ ବିଳମ୍ବ ଯୋଗୁଁ ସମସ୍ୟା ଉପୁଜୁଛି । ଏଥି ନିମନ୍ତେ ଟେଣ୍ଡର କାର୍ଯ୍ୟ ସରିଥିଲେ ମଧ୍ୟ ନିର୍ମାଣ ବିଳମ୍ବିତ ହେଉଛି । ସମସ୍ତ ଘଟଣାର ଅନୁଧ୍ୟାନ କରି ସମସ୍ୟାଗୁଡିକର ଶୀଘ୍ର ସମାଧାନ ନିମନ୍ତେ ମନ୍ତ୍ରୀ ଶ୍ରୀ ଦାସ ତୁରନ୍ତ ବିଭାଗୀୟ ସଂପୃକ୍ତ ଯନ୍ତ୍ରୀ ଓ ବୈଷୟିକ କମିଟି ସହ କ୍ଷେତ୍ର ପରିଦର୍ଶନରେ କରି ଆବଶ୍ୟକ ପଦକ୍ଷେପ ନେବାକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଏଥି ସହିତ ଆଗାମୀ ମୌସୁମୀ ବର୍ଷାରେ ଡ୍ରେନେଜ୍ ସମସ୍ୟା ଉପୁଜିଲେ ଡ୍ରେନେଜ ବିଭାଗ ତତ୍ପରତାର ସହିତ ଅଂଚଳବାସୀଙ୍କର ସମସ୍ୟାର ସମାଧାନ ପାଇଁ ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜ୍ୟୋତିର୍ମୟ ରଥ, ମୁଖ୍ୟ ଯନ୍ତ୍ରୀ ବନ୍ୟା ନିୟନ୍ତ୍ରଣ ଇଂ ଭକ୍ତରଞ୍ଜନ ମହାନ୍ତି, ବୈତରଣୀ ବେସିନ୍ ମୁଖ୍ୟ ଯନ୍ତ୍ରୀ ଇଂ.ମହେନ୍ଦ୍ର କୁମାର ଭୂୟାଁ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ-ଆନନ୍ଦପୁର ବ୍ୟାରେଜ୍ ପ୍ରକଳ୍ପ ଇଂ ରୋହିତ କୁମାର ସେଠୀ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ( ପୂର୍ବାଂଚଳ ସର୍କଲ-୨) ଇଂ. ଚଣ୍ଡେଶ୍ୱର ବେହେରା, ବୈତରଣୀ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ ବିଧାନ ସାହୁ ଏବଂ ଯାଜପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ.ଧନେଶ୍ୱର ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଘଟଗାଁ ବ୍ଲକ୍ ଢେଙ୍କିକୋଟ ଠାରେ ଓଡିଶାପ-ମୋ ପରିବାର ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର



ଘଟଗାଁ(ପିଏନ) : କରୋନା ମହାମାରୀ ସମୟରେ ରାଜ୍ୟରେ କୌଣସି ମନୁଷ୍ୟ ରକ୍ତର ଅଭାବରେ ମୃତ୍ୟୁ ବରଣ ନକରୁ, ଏହି ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟରେ ମାନ୍ୟବର ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବିନ ପଟ୍ଟନାୟକ ଚଳିତ ବର୍ଷ ଅଗଷ୍ଟ ୯ ତାରିଖ କ୍ରାନ୍ତିକାରୀ ଦିବରେ ଓଡିଶା-ମୋ ପରିବାର ଆନୁକୁଲ୍ୟରେ ଆରମ୍ଭ କରିଛନ୍ତି ଜୀବନ ବିନ୍ଦୁ ରକ୍ତଦାନ ଶିବିର । ତେବେ ଏହି ରକ୍ତଦାନ ଶିବିର ରାଜ୍ୟର ସମସ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଉଥିବା ବେଳେ ଆଜି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ଢେଙ୍କିକୋଟ ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଆଜି ସକାଳ ୧୦ ଘଟିକା ଠାରୁ ଆରମ୍ଭ ହୋଇ ଅପରାହ୍ନ ୩ ଘଟିକା ସମୟରେ ବନ୍ଦ ହୋଇଥିଲା । ଏଠାରେ ପାଖାପାଖି ୨୦୦ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ ହୋଇଥିବା କେନ୍ଦୁଝର ଜିଲ୍ଲା ଓଡିଶା-ମୋ ପରିବାର ସଂଯୋଜକ ପ୍ରକାଶ କରିଛନ୍ତି । ରକ୍ତଦାନ କରିବା ପାଇଁ ଢେଙ୍କିକୋଟ ଅଂଚଳର ଅନେକ ଯୁବକ, ଯୁବତୀ ସମେତ ଅନେକ ବୟସ୍କ ଲୋକ ମଧ୍ୟ ଏହି ରକ୍ତଦାନ ଶିବିରରେ ଯୋଗ ଦେବା ସହିତ ଉତ୍ସାହର ସହିତ ରକ୍ତଦାନ କରିଥିଲେ । ଅନ୍ୟପକ୍ଷରେ ଓଡିଶା-ମୋପରିବାର ପକ୍ଷରୁ ଆୟୋଜିତ ହୋଇଥିବା ଜୀବନ ବିନ୍ଦୁ ରକ୍ତଦାନ ଶିବିରରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ମାଧବ ଦର୍ଦ୍ଦାର, ଜିଲ୍ଲା ଯୁବ ବିଜୁ ଜନତା ଦଳ ସଭାପତି ରାକେଶ କୁମାର ରାମ, ପୂର୍ବତନ ଘଷିପୁରା ବ୍ଲକ୍
ଅଧ୍ୟକ୍ଷ ତଥା ଯୁବ ନେତା ଦେବାଶିଷ ପାତ୍ର(ଟୁଟୁ ଭାଇ), ରାଜ୍ୟ ବିଜୁ ଜନତା ଦଳ ସମ୍ପାଦକ ଅମର କୁଅଁର, ଆସିଶ ଚକ୍ରବର୍ତି, ସିକନ ପାଢ଼ୀ, ସଞ୍ଜୟ ମିଶ୍ର, ଢେଙ୍କିକୋଟ ଜିଲ୍ଲା ପରିଷଦ ସୁମିତ୍ରା ମହାନ୍ତ, ଢେଙ୍କିକୋଟ ସରପଂଚଙ୍କ ସମେତ ବିଜୁ ଜନତା ଦଳର କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କରୁଥିବା ଯୁବକ, ଯୁବତୀ ମାନଙ୍କୁ ଉତ୍ସାହିତ କରିବା ସହିତ ଏହି ମହାନ ଜୀବନ ବିନ୍ଦୁ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ ।

### କୋଟି କୋଟି ଟଙ୍କା ଠକି ପଳାଉଥିଲା ଟିପିଏଲ ଠିକା ସଂସ୍ଥା


## ଶ୍ରମିକ ମାନଙ୍କ ହାବୁଡରେ ପଡି ହେଲେ ନାକେଦମ



ଯୋଡା, (ପିଏନ): ଦୀର୍ଘ ବର୍ଷ ଧରି ଟାଟା ପ୍ରଜେକ୍ଟ ଲିଃ (ଟିପିଏଲ) ନାମକ ଆନ୍ଧ୍ରପ୍ରଦେଶର ଏକ ଠିକା ସଂସ୍ଥା ଯୋଡାରେ ଥିବା ଟାଟା ଷ୍ଟିଲ କମ୍ପାନୀ ଅଧିନ ଖଣ୍ଡବନ୍ଧ ଲୌହ ଖଣିରେ ବେନିଫିକେସନ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟ ଠିକା ନେଇ କରିଆସୁଥିଲା । ତେବେ କାର୍ଯ୍ୟଟି ସରିଯିବା ପରେ ଶତାଧିକ ଶ୍ରମିକ ଏବଂ ଏହି ଠିକା ସଂସ୍ଥା ଅଧିନରେ କାର୍ଯ୍ୟ କରୁଥିବା ଛୋଟ ଛୋଟ ଠିକାଦାରମାନଙ୍କର ଅର୍ଥ ପୈଠକରିନପାରି ମଙ୍ଗଳବାର ଲୁଚି ପଳାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଶ୍ରମିକ ଓ ଠିକା ସଂସ୍ଥା ମିଳିତ ଭାବେ ଗୋଟିଏ ଟ୍ରକରେ ଅଫିସର ଆସବାବପତ୍ର ବୋଝେଇ ହେଉଥିବା ବେଳେ ଟ୍ରକଟିକୁ ଅଟକ ରଖିଥିଲେ । ଏବଂ ଏଥିରେ ବୋଝେଇ ହୋଇଥିବା ସମସ୍ତ ଆସବାବପତ୍ରକୁ ଓହ୍ଲାଇଦେଇଥିଲେ । ତେବେ ଏହି କମ୍ପାନୀର ଏଚ୍.ଆର.ଭାବେ କାର୍ଯ୍ୟରତ ସତ୍ୟରଞ୍ଜନ ରାଉତଙ୍କୁ ସେମାନେ ଦୀର୍ଘ ସମୟ ଧରି ଘେରାଉ କରିରଖିଥିଲେ । କାର୍ଯ୍ୟାଳୟର ସମସ୍ତ ନଥିପତ୍ର ଚତୁରତାର ସହିତ ଏହି କମ୍ପାନୀ ସ୍ଥାନାନ୍ତରିତ କରିଦେଇଥିବା ବେଳେ କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ଆସବାବପତ୍ର ସ୍ଥାନାନ୍ତରିତ କରିପାରିନଥିଲେ । ସୂଚନା ଯୋଗ୍ୟ, ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଶ୍ରମିକମାନଙ୍କର ପି.ଏଫ୍. ଅର୍ଥ ପୈଠ କରିନଥିବା ବେଳେ ଛୋଟ ଛୋଟ ଠିକାଦାରଙ୍କର ପ୍ରାୟ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୈଠନକରି ଲୁଚିପଳାଇବାକୁ ବସିଥିଲା । ଏ ନେଇ ବାରମ୍ବାର ଯୋଡା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତ । ତେବେ ଏହି ଟିପିଏଲ୍ ର ମାନବ ସମ୍ବଳ ଅଧିକାରୀ ସତ୍ୟରଞ୍ଜନ ରାଉତ ସୂଚନା ଦେଇଛନ୍ତି ଯେ, ଆଜି ସନ୍ଧ୍ୟା ସୁଦ୍ଧା ଶ୍ରମିକମାନଙ୍କର ସମସ୍ତ ପି.ଏଫ୍. ଅର୍ଥ ପୈଠ କରାଯିବ ଏବଂ ଯେଉଁ ଠିକାଦାରମାନେ ତାଙ୍କର ଜିଏସ୍‌ଟି ପୈଠ କରିଛନ୍ତି ସେମାନଙ୍କ ପ୍ରାପ୍ତ ଆସନ୍ତା ଅକ୍ଟୋବର ମାସ ୭ ତାରିଖରେ ପୈଠ କରାଯିବ ବୋଲି ସୂଚନା ଦେଇଛନ୍ତି । ବାରମ୍ବାର ଏହିପରି ପ୍ରତିଶ୍ରୁତି କମ୍ପାନୀ ଅଧିକାରୀମାନେ ଦେଉଥିବାରୁ ଏହାକୁ ଶ୍ରମିକ ଏବଂ ଠିକାଦାରମାନେ ଭରସା କରିପାରୁନାହାନ୍ତି । ସେମାନେ ନିଜ ଜିଦ୍‌ରେ ଅଟଳ ଅଛନ୍ତି ଯେ, ପ୍ରାପ୍ତ ନପାଇବା ପର୍ଯ୍ୟନ୍ତ କୌଣସି ସାମଗ୍ରୀ କିମ୍ବା ଅଧିକାରୀମାନଙ୍କୁ ବାହାରକୁ ଯିବାକୁ ଦେବେନାହିଁ । ଏବଂ ଅଫିସର କୌଣସି ଆବାସ ପତ୍ର ନେବାକୁ ଦିଆଯିବ ନାହିଁ ବୋଲି ଶ୍ରମିକ ଏବଂ ଠିକା ସଂସ୍ଥା କହିଛନ୍ତି।

## କରୋନା ପାଇଁ ଚେରମୂଳି ଔଷଧ


ନଳିନୀ କୁମାର ପଣ୍ଡା



ସଂସ୍କୃତରେ ଅଛି "ଅମଂନ୍ତ୍ରମ୍ ଅକ୍ଷରଂ ନାସ୍ତି ନାସ୍ତି ମୂଳମନୋଷଧମ୍। ଅଯୋଗ୍ୟଃ ପୁରୁଷୋ ନାସ୍ତି ଯୋଜକସ୍ତୋତ୍ର ଦୁର୍ଲଭଃ॥" ଅର୍ଥାତ୍ - ଏମିତି କୌଣସି ଅକ୍ଷର ନାହିଁ ଯାହାର ମହତ୍ୱ ନାହିଁ, ପୃଥିବୀରେ ଏମିତି କୌଣସି ଉଦ୍ଭିଦର ମୂଳ ନାହିଁ ଯାହାର କୌଣସି ଔଷଧୀୟ ଗୁଣ ନାହିଁ, ସେହିପରି ଏମିତି କୌଣସି ମନୁଷ୍ୟ ନାହିଁ ଯାହାର କିଛି ଯୋଗ୍ୟତା ନାହିଁ, କେବଳ ଏମିତି ଏକ ପାତ୍ର ବିରଳ ଯିଏକି ଏହି ସବୁ ଗୁଣକୁ ଜାଣିଥିବ। ଠିକ୍ ସେହିପରି ପ୍ରତ୍ୟେକ ଉଦ୍ଭିଦର ରୋଗ ଭଲ କରିବା ପାଇଁ କିଛି ନା କିଛି ଔଷଧୀୟ ଗୁଣ ରହିଛି ଯାହାକି ଅଜଣା। ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସେହପରି ଏକ ଯୋଜକର ସ୍ଥାନ ଅଧିକାର କରିବା ପାଇଁ ପ୍ରୟାସ କରୁଛି କାରଣ ବର୍ତମାନ ସାରା ବିଶ୍ୱ ମହାମାରୀ କରୋନା ଭାଇରସର ପ୍ରକୋପ ସହ ଜୁଝି ଚାଲିଛି। ଦୁନିଆ ସାରା କରୋନା ସଂକ୍ରମଣ ମାମଲା ଲଗାତାର ଦ୍ରୁତ ଗତିରେ ବଢ଼ି ଚାଲିଛି। ତେଣୁ ଏହି ମହାମାରୀକୁ ମୂଳରୁ ସମାପ୍ତ କରିବା ପାଇଁ ପୁରା ଦୁନିଆରେ ଟିକା ବନେଇବା କାମ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏହା ମଧ୍ୟରେ କରୋନା ମହାମାରୀକୁ ମାତ୍ ଦେବାପାଇଁ ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେରମୂଳି ଔଷଧ ଖୋଜିବାରେ ଲାଗି ପଡ଼ିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରଥମ ଥର ଏହି ପ୍ରାଣ ଘାତକ ରୋଗର ଚିକିତ୍ସା ପାଇଁ ଚେରମୂଳି ଔଷଧରେ ସମ୍ଭାବନା ଦେଖିବାର ପ୍ରଚେଷ୍ଟା କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ-୧୯ ର ଚିକିତ୍ସା ପାଇଁ ଆଫ୍ରିକାରେ ଚେରମୂଳି ଔଷଧର ପରୀକ୍ଷା ନିୟମାବଳୀର ସମର୍ଥନ ମଧ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଜାରି ହୋଇଥିବା ବାର୍ତାରେ କୁହାଯାଇଛି ଯେ ଗତ ସେପ୍ଟେମ୍ବର ୧୯ ତାରିଖ ଦିନ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବେଶେଷଜ୍ଞ ଏବଂ ଅନ୍ୟ ଦୁଇ ସଂଗଠନର କିଛି ଅଧିକାରୀ କରୋନା ଭାଇରସ ପାଇଁ ଚେରମୂଳି ଔଷଧର ତୃତୀୟ ପର୍ଯ୍ୟାୟ ପରୀକ୍ଷା ନିୟମାବଳୀର ସମର୍ଥନ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଂଚଳିକ ନିର୍ଦ୍ଦେଶକ ପ୍ରାସ୍ୱର ଟୁମୁସିନ୍ ଏହି ବିଷୟରେ ସୂଚନାଦେଇ କହିଛନ୍ତି ଯେ ଯଦି ପ୍ରାଚୀନ ଔଷଧୀୟ ଦ୍ରବ୍ୟ ସୁରକ୍ଷା, ପ୍ରଭାବ ଓ ଗୁଣବତାର ଆଧାରରେ ସଠିକ୍ ସାବ୍ୟସ୍ତ ହୁଏ, ତାହାହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଦ୍ରୁତ ଗତିରେ ଏବଂ ବଡ଼ ଆକାରରେ ପ୍ରସ୍ତୁତି ପାଇଁ ସୁପାରିଶ କରିବ। ଏଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହିତ ଆଫ୍ରିକାର ରୋଗ ନିୟନ୍ତ୍ରଣ ଓ ପ୍ରତିକାର କେନ୍ଦ୍ର ଏବଂ ଆଫ୍ରିକୀୟ ସଂଘର ସାମାଜିକ ବ୍ୟାପାର ଆୟୁକ୍ତ ସଂଶ୍ଳିଷ୍ଟ ଅଛନ୍ତି। ପ୍ରାସ୍ୱର ଟୁମୁସିନଙ୍କ ପୂର୍ବରୁ କୁହାଯାଇଛି ଯେ ପଶ୍ଚିମ ଆଫ୍ରିକାରେ ଇବୋଲା ଭଳି କୋଭିଡ-୧୯ର ପ୍ରକୋପ ପାଇଁ ଏକ ମଜଭୁତ୍ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଆବଶ୍ୟକତା ଅନୁଭବ କରାଯାଇଛି। ଏହାକୁ ଦେଖି ପ୍ରାଚୀନ ଔଷଧ ସହିତ ଅନ୍ୱେଷଣ ଓ ଉନ୍ନୟନ କାର୍ଯ୍ୟକ୍ରମକୁ ବଢ଼ାଇବାର ଆବଶ୍ୟକତା ରହିଛି।

ଏହାର ପାଖାପାଖି ଏକ ମାସ ପୂର୍ବରୁ ମାଡ଼ାଗାସ୍କରର ରଷ୍ଟ୍ରପତି ଏଣ୍ଡ୍ରି ରୋଜାଲିନା ଏକ ହର୍ବାଲ ଚାହା ଓ ଏକ ହର୍ବାଲ ପାନୀୟର ଶୁଭାରମ୍ଭ କରିଥିଲେ। ସେମାନେ ଦାବି କରିଥିଲେ ଯେ, ଏଥିରେ କରୋନା ଭୂତାଣୁର ଚିକିତ୍ସା ଓ ପ୍ରଶମନ ଦୁଇଟା ଯାକ ହୋଇପାରିବ। ତାଙ୍କ ଅନୁସାରେ ଏହାର ପ୍ରଭାବ ରୋଗୀ ଉପରେ ସାତଦିନ ମଧ୍ୟରେ ଦେଖା ଦେଇଥାଏ। ଏହି ପାନୀୟକୁ କୋଭିଡ୍ ଅର୍ଗାନିକ୍ସ ବା ଜୈବିକ କୋଭିଡ୍ ନାମ ଦିଆଯାଇଛି। ଏହାକୁ ଆର୍ଟିମିସିୟା ନାମକ ଉଦ୍ଭିଦ ଠାରୁ ପ୍ରସ୍ତୁତ କରାଯାଇଛି, ଯାହାକି ମ୍ୟାଲେରିଆର ଚିକିତ୍ସା ରେ ନିଜର କ୍ଷମତା ସାବ୍ୟସ୍ତ କରିସାରିଛି। ହର୍ବାଲ ଚାହା ବା ଚେରମୂଳି ଚାହା ବନାଇବା ପାଇଁ ଆହୁରି ଅନେକ ଚେରମୂଳି ବ୍ୟବହାର କରାଯାଇଛି।

ବନ ଗବେଷକ, ସ୍ନାତକତର,
ଓ.ୟୁ.ଏ.ଟି.,
ମୋ: ୮୦୧୮୧୮୮୧୨୮




# ଚୈତ୍ର ଶୁକ୍ଳ ଦଶମୀ: ବାସନ୍ତୀ ଦୁର୍ଗୋତ୍ସବ



ଦୁର୍ଗତି ନାଶ କରନ୍ତି ବୋଲି ମା' ଆଦ୍ୟାଶକ୍ତିଙ୍କୁ ଦୁର୍ଗା କୁହାଯାଏ। ଏ ଦୁର୍ଗତି ଦଶ ପ୍ରକାର : ଦଶପାପ ବା ଦଶଦୋଷ ଯଥାଚୋରୀ, ହିଂସା, ପରଦାରା ସମ୍ଭୋଗ, ନିଷ୍ଠୁର ବାକ୍ୟ ପ୍ରୟୋଗ, ଅସତ୍ୟ କଥନ, କପଟାଚରଣ, ଅସମ୍ବନ୍ଧୀ ପ୍ରଳାପ, ପରର ଅନିଷ୍ଟ ଚିନ୍ତା ଏବଂ ମିଥ୍ୟା ବା ମନ୍ଦ ଅଭିପ୍ରାୟ, ବିଷୟକ ଚିନ୍ତା। ମା' ଏସବୁ ହରନ୍ତି ବୋଲି ତାଙ୍କୁ ଦଶହୋରା ବା ଦଶହରା କୁହନ୍ତି : ଦଶବିଘ୍ନ ହୃଦାଦେବୀ ଦୁର୍ଗା ଦୁର୍ଗତିନାଶିନୀ।

'ଦଶହରା' ପୂଜା ଉତ୍ସବ ତ୍ରିବିଧ। ଶାରଦୀୟ ଏବଂ ବାସନ୍ତୀ ଉତ୍ସବ କେବଳ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ହେଲାବେଳେ, ଗଙ୍ଗା ଦଶହରା ବା ଗଙ୍ଗା ଜୟନ୍ତୀ କେବଳ ଗଙ୍ଗାମାତାଙ୍କ ଉଦ୍ଦେଶ୍ୟରେ ଜ୍ୟେଷ୍ଠ ମାସରେ ପାଳିତ ହୁଏ। ଆଶ୍ୱିନ ମାସରେ ଶାରଦୀୟ ଓ ଚୈତ୍ର ମାସରେ ବାସନ୍ତୀ ଦୁର୍ଗୋତ୍ସବ ପାଳିତ ହୁଏ। ତିନୋଟିଯାକ ଦଶହରା ଶୁକ୍ଳପକ୍ଷ ଦଶମୀରେ ଅନୁଷ୍ଠିତ ହୁଏ। ଗଙ୍ଗାମାତା ମଧ୍ୟ ଦୁର୍ଗାଙ୍କ ପରି ଦଶ ପାପହାରିଣୀ।

ପୁରାଣମତେ ରାମଚନ୍ଦ୍ର ରାବଣ ନିଧନ ନିମନ୍ତେ ଲଙ୍କାରେ ଆଶ୍ୱିନ ଶୁକ୍ଳ ଦଶମୀ ଦିନ ଦୁର୍ଗାଙ୍କ ଆରଧନା ପୂର୍ବକ ଯୁଦ୍ଧ କରିଥିଲେ ଏବଂ ରାବଣକୁ ନିଧନ କରିଥିଲେ ବୋଲି ଏହି ପର୍ବକୁ ଦଶହରା ବା ବିଜୟ କରିଥିବାରୁ ବିଜୟା ଦଶମୀ ରୂପେ ପାଳିତ ହୁଏ: ରାବଣ ମସ୍ତକାନି ହରତି ଯା ସା ଦଶହରା। ଏହି ଦିନ ଦୁର୍ଗାମାତା ଦେବତାମାନଙ୍କର ଅନୁରୋଧ କ୍ରମେ ମହିଷାସୁରକୁ ବଧକରି ସୃଷ୍ଟିରେ ଶାନ୍ତି ପ୍ରତିଷ୍ଠା କରିଥିବାରୁ ଏହାକୁ ଦଶହରା ମଧ୍ୟ କୁହନ୍ତି। ଏପରି ଅନେକ କାରଣ ଅଛି। ଦୁର୍ଗୋତ୍ସବର ନାନାବିଧ କାରଣକୁ ଦୁଇଭାଗରେ ବିଭକ୍ତ କରାଯାଏ। ପ୍ରଥମଟି ବୈଦିକ କାରଣ ଯାହାକି ଆଦ୍ୟାଶକ୍ତି ରୂପେ ବୈଦିକ ଯୁଗରୁ ମା'ଙ୍କ ପୂଜା କରାଯାଇ ଆସୁଅଛି। ଜଗତ ସୃଷ୍ଟିର ମୂଳକାରଣ ଶକ୍ତି : ପ୍ରକୃତି : ପ୍ରପଞ୍ଚ : ଜୀବ ଏବଂ ଜଡ଼। ଶକ୍ତିର ବିନାଶ ନାହିଁ, ହ୍ରାସ ନାହିଁ କି ବୃଦ୍ଧି ନାହିଁ, କିନ୍ତୁ ରୂପାନ୍ତର ଅଛି। ଏ ଜଗତ ଶକ୍ତିର ରୂପାନ୍ତରମାତ୍ର। ଶକ୍ତିରୁ ସୃଷ୍ଟି, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ତଥା ଦେବ, ଦାନବ ଏବଂ ମାନବ ଇତ୍ୟାଦି ଜୀବ ଅଥବା ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ପାଣି ବା ମାଟି ଇତ୍ୟାଦି ଜଡ଼ ପରବର୍ତ୍ତୀ ସୃଷ୍ଟି। ଶକ୍ତି ଆଗ। ପ୍ରଳୟ ପ୍ରୟୋଧି ଜଳେ ସବୁର ବିନାଶ ହେଲେ ହେ, ଅବିନାଶୀ ଶକ୍ତି ପରବର୍ତ୍ତୀ ସୃଷ୍ଟି ଅପେକ୍ଷା କରିଥାଏ।

ଶିବ ସହିତ ଶକ୍ତି ଯୁକ୍ତ ହେଲେ ସୃଷ୍ଟି ବା ଜୀବନ। ଶିବ ଶକ୍ତି ରହିତ ହେଲେ ଶବ ବା ଜଡ଼। ଶକ୍ତି ରହିତ ଶିବ ଅଶିବ ଅର୍ଥାତ୍ ସୁନ୍ଦର ବା ମଙ୍ଗଳ ନୁହଁନ୍ତି।

ଦ୍ୱିତୀୟ ତତ୍ତ୍ୱଟି ପୁରାଣକୁ ଆଧାରକରି ଯେମିତି ରାବଣବଧ, ମହିଷାସୁର ବଧ.. ଇତ୍ୟାଦି। ଏମାନେ ବୈଦିକ ନୁହଁନ୍ତି। ରାମଚନ୍ଦ୍ର ପ୍ରଥମତଃ ଜଣେ ମାନବ। ଏଣୁ ସମସ୍ତ ମାନବୋଚିତ କର୍ମ ବା ଧର୍ମ କରିବା ଅନ୍ତର୍ଗତ ସିଏ। ଏଥିପାଇଁ ଚୈତ୍ର ଶୁକ୍ଳ ଦଶମୀ ଦିନ ଲଙ୍କା ଯାତ୍ରା ପୂର୍ବରୁ ବୈଦିକରୀତିରେ ଦୁର୍ଗା ଉପାସନା କରିଥିଲେ ଏବଂ ଲଙ୍କାଜୟ କରି ସୀତା ଉଦ୍ଧାର କରିଥିଲେ। ବାସନ୍ତୀଦୁର୍ଗାପୂଜା ବୈଦିକ ଏବଂ ବହୁ ପୁରାତନ। ଏହାହିଁ ଆଦ୍ୟଶକ୍ତିର ବାସ୍ତବ ପୂଜାଦିବସ।



'ଦୁର୍ଗା, ମଧ୍ୟ ସମର ବା ସାମରିକ ଦେବୀ ରୂପେ ପୂଜିତା। ଭାରତୀୟ ପରମ୍ପରା ସମରାଭ୍ୟାସ ବା ସମର ଗମନ ପୂର୍ବରୁ ତାଙ୍କୁ ପୂଜନ କରାଯାଇଆସୁଅଛି। ଏଣୁ ରାମଚନ୍ଦ୍ର ଏହି ପରମ୍ପରାକୁ ଅନୁସରଣ କରି ଲଙ୍କାଗମନ ପୂର୍ବରୁ ଏ ସମର ଦେବୀଙ୍କୁ ପୂଜା କରିଥିଲେ ଚୈତ୍ର ଶୁକ୍ଳ ଦଶମୀ ଦିନ।

ବିଶ୍ୱର ସମସ୍ତ ପ୍ରକାଶ ବିକାଶ ଏବଂ ବିନାଶ ଅନ୍ୟ ଅର୍ଥରେ ସୃଷ୍ଟି, ପାଳନ ଓ ବିନାଶକାର୍ଯ୍ୟ ଏହି ଆଦ୍ୟାଶକ୍ତି ଦ୍ୱାରାହିଁ ସମ୍ଭବ। ସେହି ଏକମାତ୍ର ଏସବୁର କର୍ତ୍ତୀ। ସେ ମା', ଭଉଣୀ, ସ୍ତ୍ରୀ ଇତ୍ୟାଦି ରୂପରେ ଆମପାଖେ ସଦା ବର୍ତ୍ତମାନ। ଏଣୁ ନାରୀଟିଏ ମଧ୍ୟ ଦେବୀପରି ପୂଜ୍ୟା : ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟତେ, ତତ୍ର ରମ୍ୟନ୍ତି ସର୍ବ ଦେବତା। ପୁଣି ସେ ସବୁ : ଭୂତାନି ଦୁର୍ଗା, ଭୁବନାନୀ ଦୁର୍ଗା, ସ୍ତ୍ରୀୟୋ ନରଶ୍ଚାଥ ପଶୁଚ ଦୁର୍ଗା, ଯଦ୍ୟଦ୍ଧି ଦୃଶଂ ଖଲୁ ସୈବ ଦୁର୍ଗା, ଦୁର୍ଗା ସ୍ୱରୂପାଦପରଂ ନ କିଚିଂତ୍। ସେ ସମସ୍ତଙ୍କର ମଙ୍ଗଳ କରନ୍ତୁ। ସମସ୍ତେ ଶାନ୍ତିରେ ରୁହନ୍ତୁ।

*"ସର୍ବେ ଭବନ୍ତୁ ସୁଖିନଃ ସର୍ବେସନ୍ତୁ ନିରାମୟାଃ/ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମାଂ କଶ୍ଚିତ୍ ଦୁଃଖଭାଗ ଭବେତ୍ ।। ଅପୁତ୍ରାଃ ପୁତ୍ରିଣଃ ସନ୍ତୁ ପୁତ୍ରିଣଃ ପୌତ୍ରିଣଃ/ଅଧନାଃ ସଧନାଃ ସନ୍ତୁ ଜୀବନ୍ତୁ ଶରଦାଂ ଶତମ୍ ।। କାଳେ ବର୍ଷତୁ ପୂର୍ଜନ୍ୟଃ ପୃଥିବୀ ଶସ୍ୟଶାଳିନୀ/ଦେଶୋଽୟଂ କ୍ଷୋଭ ରହିତୋ ବ୍ରାହ୍ମଣାଃ ସନ୍ତୁ ନିର୍ଭୟାଃ ।।"*

**ବିପିନବିହାରୀ ମହାନ୍ତି,**
**ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ,**
**ଦୂରଭାଷ: ୯୯୩୮୩୪୪୧୩୮**

## କେନ୍ଦୁଝରଠାରେ ଅଗ୍ନିଶମ ସପ୍ତାହ ପାଳନ

କେନ୍ଦୁଝର (ପିଏନ୍): ଓଡିଶା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ୭୭ତମ ଅଗ୍ନିଶମ ସପ୍ତାହ ପାଳନ ଅବସରରେ କେନ୍ଦୁଝରଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆସିଷ୍ଟାଣ୍ଟ ଫାୟାର ଅଫିସର ଶଶାଙ୍କ ଶେଖର ମହାପାତ୍ର ନେତୃତ୍ୱରେ ଅନ୍ୟ କର୍ମଚାରୀ ସହରର ପ୍ରମୁଖ ଛକ ଗାନ୍ଧୀଛକ,କଚେରୀ ଛକ,ସିରାଜୁଦ୍ଦିନ ଛକ,କଲେଜ ଛକ,ଧାଙ୍ଗରପଡା,ପୁରୁଣାସହର,ଲାବଣ୍ୟ ଛକରେ ସଚେତନତା ରାଲି କରିଥିଲେ। ଏହି ରାଲି ଏପ୍ରିଲ ୧୪ ରୁ ୨୦ ପର୍ଯ୍ୟ' ଆୟୋଜନ କରାଯିବ। ସଚେତନତା ରାଲିରେ ଅଗ୍ନି ସୁରକ୍ଷା ଉପକରଣ ଉପଯୁକ୍ତ ରକ୍ଷଣାବେକ୍ଷଣ ହିଁ ଅଗ୍ନି ଦୁର୍ଘଟଣା ହ୍ରାସ କରିବାର ଚାବି କାଠି ଅଟେ। ସାମାନ୍ୟ ଅସାବଧାନତା ଯୋଗୁଁ ନିଆଁ ସୃଷ୍ଟି ହୋଇଥାଏ। ଏଥିରୁ ସତର୍କ ରହନ୍ତୁ ଓ ନିଜର ଧନ, ଜୀବଜନ୍ତୁ ରକ୍ଷାକରନ୍ତୁ ଏହା ମୁଖ୍ୟତଃ ଅସାବଧାନତା ଯୋଗୁଁ ହୋଇଥାଏ। ଏହାର ନିରାକରଣ ପାଇଁ ସତର୍କ ଜରୁରୀ, ଶୋଇବା ପୂର୍ବରୁ ଇଲେକଟ୍ରିକ ସୁଇଚ ତନଖି କରନ୍ତୁ ଏବଂ ସିଲିଣ୍ଡର ରେଗୁଲେଟରକୁ ଭଲ ଭାବେ ତନଖି କରି ବନ୍ଦ କରନ୍ତୁ। ପେଟ୍ରୋଲ ପମ୍ପ ନିକଟରେ ଜଳନ୍ତା ସିଗାରେଟ ବା ବିଡି ପକାନ୍ତୁ ନାହିଁ କି ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ଜଳନ୍ତା ଷ୍ଟୋଭ ବା ଡିବିରିରେ କିରୋସିନି ଭର୍ତ୍ତି କରନ୍ତୁ ନାହିଁ। ହୋଟେଲ, ବହୁଗୁଣିତ ବ୍ୟବସାୟ ପ୍ରତିଷ୍ଠାନ, ପେଟ୍ରୋଲ ଟାଙ୍କି, ଏଲ୍‌ପିଜି ଗୋଦାମ, ଶିକ୍ଷ ସଂସ୍ଥା, ବ୍ୟବସାୟିକ ବ୍ୟାଙ୍କ, କଲ୍ୟାଣ ମଣ୍ଡପ, ସମସ୍ତ ସ୍କୁଲ, ହଷ୍ଟେଲ, ଡାକ୍ତରଖାନା, ନର୍ସିଂ ହୋମ ଏବଂ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିବା ଦୋକାନ ପ୍ରତିଷ୍ଠାନ ଇତ୍ୟାଦି ଅଗ୍ନିଶମ ବିଭାଗରୁ ଉପଯୁକ୍ତ ଅଗ୍ନି ନିରାକରଣ ପ୍ରମାଣପତ୍ର ହାସଲ କରି ବ୍ୟବସାୟ ପ୍ରତିଷ୍ଠାନରେ ମହଜୁଦ ରଖନ୍ତୁ ନଚେତ ଓଡିଶା ଅଗ୍ନିଶମ-ଅଗ୍ନିନିରାକରଣ ଓ ପ୍ରତିରୋଧ ନିୟମ-୨୦୧୭ ଓ ସଂଶୋଧନ-୨୦୧୯ ଅନୁଯାୟୀ ଦଣ୍ଡିତ ହେବେ। ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟିଲେ ଅଗ୍ନିଶମ କେନ୍ଦ୍ର କେନ୍ଦୁଝରକୁ ଫୋନ୍ ନମ୍ବର ୧୦୧/୧୦୨ କିମ୍ବା ୦୬୭୬୬-୨୫୫୫୦ରେ ଯୋଗାଯୋଗ କରନ୍ତୁ।

## ଧଳା ଜହରର କଳା ବଜାର ହୋଇଛି ଘଟଗାଁ




ଗୋଳାବନ୍ଧ (ପିଏନ୍): ଗତ କିଛିଦିନ ହେବ ଘଟଗାଁ ଅଂଚଳରେ ବ୍ରାଉନ୍‌ସୁଗାରର କଳା ବଜାରୀ ବଢି ବଢି ଚାଲିଛି। ମା'ତାରିଣୀଙ୍କ ପୀଠ ହୋଇଥିବାରୁ ଏଠାରେ ବିଦେଶୀ ମଦ ଦୋକାନକୁ ମଧ୍ୟ ବାରଣ ହୋଇଥିବା ବେଳେ ଧଳା ଜହରର ଚୋରା କାରବାର ପାଇଁ ଭକ୍ତଙ୍କ ମନରେ କଷ୍ଟ ହେବା ସ୍ୱାଭାବିକ। ଘଟଗାଁ ଥାନା ଆଇଆଇସି ଶ୍ୟାମଘନ ବେହେରା ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଚଢାଉ କରୁଥିଲେ ମଧ୍ୟ ଚୋରା ବେପାରୀ ନିର୍ଭିକ ଭାବେ ବେପାର କରୁଥିବା ଦେଖାଯାଉଛି। ଥାନାରେ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ବେହେରା ଥିବାବେଳେ ବେପାରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିଲେ ମଧ୍ୟ ଧଳା ଜହର ସମେତ ବିଦେଶୀ ମଦର ଚୋରା କାରବାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ମଦୁଆଙ୍କ ଦୌରାତ୍ମ୍ୟ ସମ୍ପୂର୍ଣ୍ଣ କମି ଯାଇଥିଲା। ତେଣୁ ଅଂଚଳବାସୀଙ୍କ ଦାବି ଆଇଆଇସି ଶ୍ୟାମଘନ ବେହେରାଙ୍କ ସହ ସବ୍‌ଇନ୍ସପେକ୍ଟର ବିଶ୍ୱଜିତ ବେହେରା ରହିଲେ ଘଟଗାଁ ଅଂଚଳରେ ପୁଣି ଥରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇପାରନ୍ତା ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

# ଆନନ୍ଦପୁର ଅଗ୍ନିଶମ ବିଭାଗର ୭୭ତମ ଅଗ୍ନିଶମ ସପ୍ତାହ ପାଳନ

ଆନନ୍ଦପୁର (ପିଏନ୍): ଓଡିଶା ଅଗ୍ନିଶମ ସେବା ସଂସ୍ଥା ଚଳିତ ବର୍ଷ (୨୦୨୧) ୭୭ତମ ଅଗ୍ନିଶମ ସପ୍ତାହ ୧୪ ଏପ୍ରିଲରୁ ୨୦ଏପ୍ରିଲ ପର୍ଯ୍ୟନ୍ତ ପାଳନ କରିବା ଅବସରରେ ଆନନ୍ଦପୁର ଅଗ୍ନିଶମ ବିଭାଗର ମୁଖ୍ୟ ପ୍ରତାପ ସୁମାର ସିଂଙ୍କ ସହିତ ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀମାନେ ଆନନ୍ଦପୁରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସଚେତନତାର ବାର୍ତ୍ତା ଜଣାଇଛନ୍ତି। ଫକୀରପୁର ଗ୍ରାମ ସହ ଆନନ୍ଦପୁର ବଡଦାଣ୍ଡ ଏବଂ ଆନନ୍ଦପୁର ପୌରପାଳିକାର ସମସ୍ତ ୱାର୍ଡରେ ଆଟୋ ମାଧ୍ୟମରେ ସଚେତନ ବାର୍ତ୍ତା ଜଣାଇଛନ୍ତି। ଅଗ୍ନିଶମ ବିଭାଗର ମୁଖ୍ୟ ପ୍ରତାପ କୁମାର ସିଂ ସୂଚାଇ ଦେଇଛନ୍ତି ଯେ ଆଜକୁ ଠିକ୍ ୭୭ ବର୍ଷ ତଳେ ଅର୍ଥାତ୍ ୧୯୪୪ ମସିହା ଏପ୍ରିଲ ୧୪ତାରିଖରେ ବମ୍ବେ ଡକ ବନ୍ଦରଠାରେ ଏକ ଜାହାଜରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ବମ୍ବେର ଅନେକ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବା ତଥା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ମାତ୍ର ସେମାନଙ୍କୁ ମଧ୍ୟରୁ ୬୬ ଆଇୱାଇ ଅଗ୍ନିଶମ କର୍ମଚାରୀ ସହିତ ହୋଇଯାଇଥିଲେ। ଏଣୁ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ଏଦିଦିନ ଅର୍ଥାତ୍ ଏପ୍ରିଲ ୧୪ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ସାରା ଭାରତରେ ଅଗ୍ନିଶମ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଆନନ୍ଦପୁର ଅଗ୍ନିଶମ ମୁଖ୍ୟ ଶ୍ରୀ ସିଂ ଜନସାଧାରଣଙ୍କ ପାଇଁ ଏକ ବାର୍ତ୍ତା ରଖିଛନ୍ତି 'ଅଗ୍ନି ସୁରକ୍ଷା ଉପକରଣର ଉପଯୁକ୍ତ ରକ୍ଷଣା ବେକ୍ଷଣ ହିଁ ଅଗ୍ନି ଦୁର୍ଘଟଣା ହ୍ରାସ କରିବାର ଚାବିକାଠି ଅଟେ'। ଏଣୁ ଏହାର ନିରାକରଣ ନିମନ୍ତେ ନିମ୍ନଲିଖିତ କେତୋଟି ମୁଖ୍ୟ ବିଷୟ ପ୍ରତି ଧ୍ୟାନ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଯଥା - ୧) ଦିଆସିଲିର ମୁଣ୍ଡ ଅଛି ମାତ୍ର ତାହାର ମସ୍ତିଷ୍କ ନାହିଁ। ଏଣୁ ଏହାକୁ ଖାମଖିଆଲି ଭାବରେ ବ୍ୟବହାର କରନ୍ତୁ ନାହିଁ ଏବଂ ଛୋଟ ପିଲାଙ୍କୁ ଦିଆସିଲି ଦିଅନ୍ତୁ ନାହିଁ, ୨) ଧୂମ୍ରପାନ କଲାପରେ ବିଡି ଓ ସିଗାରେଟର ଜଳନ୍ତା ଅଂଶକୁ ଏଣେତେଣେ ନ ପକାଇ ଭଲ ଭାବରେ ଲିଭାଇ ପକାନ୍ତୁ, ୩) ଗୁହାଳରେ ମଶା ଧୂଆଁ ଦେଲା ପରେ ଭଲ ଭାବେ ଲିଭାଇ ଆସନ୍ତୁ, ୪) ପେଟ୍ରୋଲ ଟାଙ୍କି ନିକଟରେ ଜଳନ୍ତା ସିଗାରେଟ୍ ବା ବିଡି ପକାନ୍ତୁ ନାହିଁ ଏବଂ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ, ୫) ଜଙ୍ଗଲରେ ନିଆଁ ଲଗାଇ ଜାତୀୟ ସମ୍ପତ୍ତି ନଷ୍ଟ କରନ୍ତୁ ନାହିଁ, ୬)ଶୋଇବା ପୂର୍ବରୁ ଇଲେକ୍ଟ୍ରି ସୁଇଚ୍ ଗୁଡିକୁ ତନଖି କରି ଶୁଅନ୍ତୁ, ୭)ଏଲପିଜି ସିଲିଣ୍ଡର ରେଗୁଲେଟରକୁ ଭଲ ଭାବରେ ତନଖି କରି ବନ୍ଦ କରନ୍ତୁ। ଏଲପିଜି ପାଇପ୍‌କୁ ମଧ୍ୟ ଠିକ୍ ସମୟରେ ବଦଳାନ୍ତୁ। ଏହାକୁ ସ୍ୱୀକୃତିପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା କରାନ୍ତୁ, ୮) ଉପଯୁକ୍ତ ବା ଆଇଏସ୍ ମାର୍କା ଇଲେକ୍ଟ୍ରି ସାମଗ୍ରୀ ଘରେ ବ୍ୟବହାର କରନ୍ତୁ ଓ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପରଖି ନିଅନ୍ତୁ, ୯) ଜଳନ୍ତା ଷ୍ଟୋଭ୍ ବା ଡିବିରୀରେ କିରୋସିନି ଭର୍ତ୍ତି କରନ୍ତୁ ନାହିଁ, ୧୦) ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟିଲେ ଆନନ୍ଦପୁର ଅଗ୍ନିଶମ କେନ୍ଦ୍ରକୁ ନଂ- ୧୦୧/୧୧୨ କିମ୍ବା ୦୬୭୩୧-୨୪୦୨୫ରେ ଯୋଗାଯୋଗ କରନ୍ତୁ। ସଜାଗ ରହିଲେ ଅଗ୍ନି ଦୁର୍ଘଟଣା ଦୂରେଇ ଯାଏ ବୋଲି ଆନନ୍ଦପୁର ଅଗ୍ନିଶମ ବିଭାଗର ମୁଖ୍ୟ ପ୍ରତାପ କୁମାର ସିଂ କହିଛନ୍ତି।

## ଜିଲ୍ଲାସ୍ତରୀୟ ୧୩୧ତମ ଆମ୍ବେଦକର ଜୟନ୍ତୀ ପାଳିତ



ବାଲେଶ୍ୱର (ପିଏନ୍)-କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଆଜି ସଦଭାବନା ସଭାଗୃହରେ ବାଲେଶ୍ୱର ଜିଲ୍ଲାସ୍ତରୀୟ ୧୩୧ତମ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗ ଦେଇ ଆମ୍ବେଦକର ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପୁଷ୍ପଧୂପ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଆଦି ସୀମିତ ସଂଖ୍ୟାରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଆମ୍ବେଦକରଙ୍କ ବାଲ୍ୟଜୀବନ, ପ୍ରତିଭା, ଶିକ୍ଷା ଜୀବନ, ସମାଜ ସଂସ୍କାରକ ସର୍ବୋପରି ସମ୍ବିଧାନ ପ୍ରଣେତା ହିସାବରେ ସ୍ମୃତିଚାରଣ କରାଯାଇଥିଲା। ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ବରିଷ୍ଠ ନାଗରିକ ଲକ୍ଷ୍ମୀଧର ବେହେରା, ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ବୁଦ୍ଧିଜୀବୀ ସ୍ନେହଲତା ଦାସପତି, ସମାଜସେବୀ ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଆମ୍ବେଦକରଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତ ଅତିଥି ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆମ୍ବେଦକରଙ୍କୁ ଜଣେ ସମାଜ ବିଜ୍ଞାନୀ ରୂପେ ଚିତ୍ରଣ କରିବା ସହିତ ପ୍ରାକ୍ ସ୍ୱାଧୀନତା କାଳରେ ତତ୍କାଳୀନ ସାମାଜିକ ବୈଷମ୍ୟତା ଦୂରୀକରଣ ଦିଗରେ ତାଙ୍କର ବିଶେଷ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସହକାରୀ ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଭଗାନଈ ଗ୍ରାମରେ ପ୍ରଥମ ରାତ୍ରିକାଳୀନ ଫାଇନାଲ କ୍ରିକେଟ, ଭାଗାନଈ ଏକାଦଶକୁ ହରାଇ ରମ୍ଭାସ ଏକାଦଶ ଚମ୍ପିୟାନ

ଆନନ୍ଦପୁର (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ଭଗାନଈ ଗ୍ରାମର ମା'ମଙ୍ଗଳା କ୍ରିକେଟ କ୍ଲବ ଦ୍ୱାରା ଭଗାନଈ ନଦୀ ପଡିଆ ଠାରେ ଜିଲ୍ଲାସ୍ତରୀୟ ପ୍ରଥମ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଖେଳ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ପଡିଆ ମଝିରେ ମା'ଙ୍କ ନିକଟରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ଖେଳ ଆରମ୍ଭ ହୋଇଥିଲା। ପ୍ରଥମେ ଭଗାନଈ ଏକାଦଶ ବ୍ୟାଟିଂ କରି ୭ ଓଭରରେ ୪ ୱିକେଟ୍ ହରାଇ ୬୭ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ରମ୍ଭାସ ଏକାଦଶ ୬.୩ ଓଭରରେ ୬୮ରନ୍ ସଂଗ୍ରହ କରି ଚମ୍ପିୟାନ ହୋଇଥିଲେ। ସମାଜସେବୀ ସୁବ୍ରତ କୁମାର କୁଅଁରଙ୍କ ସଭାପତିତ୍ୱରେ ଉକ୍ତ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଓଡିଶା କ୍ରିକେଟେ ଆସୋସିଏସନ୍‌ର ସମ୍ପାଦକ ନବରନ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଘଷିପୁରା ବ୍ଲକ କଂଗ୍ରେସ ସଭାପତି ସୁବ୍ରତ ଚକ୍ର(ଟିଟୁନି ଚକ୍ର), ଜୟନ୍ତ ସାହୁ, ଭଗବାନ ସାହୁ, ପୂର୍ଣ୍ଣଭାନୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସମସ୍ତ ପୁରୁଣା ଖେଳାଳି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ପୁରୁଣା ସ୍ମୃତିକୁ ମନେପକାଇ ଏଭଳି କାର୍ଯ୍ୟକ୍ରମ ଆଗକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅମ୍ପେୟାର ଭାବେ ପୂର୍ଣ୍ଣ ନାଥ, ମନୋଜ ସାହୁ ଏବଂ ବିଶ୍ୱଜିତ ବେହେରା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଗୌରହରି ସାହୁ ଏବଂ କୁଳମଣି ସାହୁ ଦାୟିତ୍ୱ ତୁଲାଇ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଚମ୍ପିୟାନ୍ ଦଳକୁ ୧୪ହଜାର ୫ଶହ ଏବଂ ରନର୍ସଅପ୍ ଦଳକୁ ୯ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦି ସିରିଜ ରମ୍ଭାସ ଏକାଦଶର ସିଲୁଙ୍କୁ ପ୍ରଦାନ କରାଯାଇଥିଲା।

## କୃଷକ ଆନ୍ଦୋଳନର ସମ୍ବିଧାନ ବଞ୍ଚାଅ ଦିବସ : ସମ୍ବିଧାନର ସୁରକ୍ଷା ପାଇଁ ଶପଥ ପାଠ



କେନ୍ଦ୍ରାପଡା (ପିଏନ୍): ସମ୍ବିଧାନ ପ୍ରଣେତା ଡଃ. ବି.ଆର. ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ଅବସରରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ସମ୍ବିଧାନ ବଞ୍ଚାଅ ଦିବସ ପାଳନ ଉପଲକ୍ଷେ କୃଷକ ସଂଗଠନ ଗୁଡିକ ପକ୍ଷରୁ ସହରର ପୁରୁଣା ବସଷ୍ଟାଣ୍ଡସ୍ଥିତ ଆମ୍ବରକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମ୍ବିଧାନ ସୁରକ୍ଷା ଶପଥ ପାଠ ଉତ୍ସବ ପାଳିତ ହୋଇଯାଇଛି। ସକାଳ ୭ଟା ସମୟରେ କୃଷକନେତା ଓ ବୁଦ୍ଧିଜୀବୀମାନେ ଆମ୍ବେଦକରଙ୍କ ସମେତ ଅନ୍ୟ ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସମ୍ବିଧାନର ମୁଖବନ୍ଧ ପାଠ କରି ଏହାର ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। ଏହି ଅବସରରେ ସାଥୀ ବାବାଜୀ ଧଳଙ୍କ ପରିଚାଳନାରେ ସଂଗଠିତ ପ୍ରତିବାଦ ସଭାରେ ଓଡିଶା କୃଷକ ସଭା ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଅଖିଳ ଭାରତ କୃଷକ ସଭା ଜିଲ୍ଲା ନେତା ରମଣୀରଞ୍ଜନ ରାଉତରାୟ, କିଷାନ କଂଗ୍ରେସ ଜିଲ୍ଲା ନେତା ପ୍ରଫୁଲ୍ଲ କୁମାର ଦାସ, ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦୋଳଗୋବିନ୍ଦ ସାହୁ, ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ଆଦିକନ୍ଦ ରାଉଳ, ଉମେଶ ଚନ୍ଦ୍ର ସିଂହ, ଆଇ.ଏନ.ଟି. ୟୁ.ସି. ଜିଲ୍ଲା ସଭାପତି ମୁକ୍ତାର ଖାଁ, ସି.ଆଇ.ଟି.ୟୁ.ସି. ଜିଲ୍ଲା ସଭାପତି ଜଗତଜୀବନ ଦାଶ, ଭାଗୀରଥି ଜେନା, ମାଧବ ଦାସ, ଅର୍ଜ୍ଜୁନ ଲେଙ୍କା, ଅନନ୍ତ ସ୍ୱାଇଁ, ପ୍ରତାପ ବିଶ୍ୱାଳ ପ୍ରମୁଖ ସମ୍ବିଧାନର ମୌଳିକବୈଶିଷ୍ଟ୍ୟ ଗୁଡିକୁ ଅକାମୀ କରିଦେଇ ମନୁବାଦୀ ବ୍ୟବସ୍ଥାର ପ୍ରତିଷ୍ଠା ପାଇଁ ଶାସକୀୟ ଷଡଯନ୍ତ୍ର ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜଧାନୀ ଦିଲ୍ଲୀର ଚତୁଃପାର୍ଶ୍ୱରେ ଦୀର୍ଘ ୧୪୦ଦିନ ଧରି ଚାଲିଥିବା ଐତିହାସିକ ଶାନ୍ତିପୂର୍ଣ୍ଣ କୃଷକ ଆନ୍ଦୋଳନକୁ ଅଣଦେଖା କରି ଭାଙ୍ଗିଦେବା ପାଇଁ କେନ୍ଦ୍ର ସରକାରଙ୍କ ଚକ୍ରାନ୍ତକୁ ଦୃଢ ନିନ୍ଦା କରାଯିବା ସହ କୃଷି-କୃଷକ ସର୍ବନାଶକାରୀ ତଥା ଜନବିରୋଧୀ ତିନି କଳା କୃଷି ଆଇନର ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା।

# ଓଡ଼ିଆ ଭାଷା ଦୁର୍ଘଟଣାର ସମ୍ମୁଖୀନ

ଭୁବନେଶ୍ୱର (ପିଏନ୍)-ସାଂପ୍ରତିକ ସମୟରେ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଆମ ପାଇଁ ବଡ଼ ପ୍ରଶ୍ନ ପାଲଟିଛି। ମାତୃଭାଷାରେ ସରକାରୀ କାଗଜପତ୍ର ହେବା ଏବଂ ମାତୃଭାଷାକୁ ଭଲ ପାଇବା ପାଇଁ ଲୋକଙ୍କୁ ଅନୁରୋଧ କରିବା ଭଳି ଲଜ୍ଜାକର କଥା କିଛି ନାହିଁ। ଖୋର୍ଦ୍ଧା ବିଷୁବ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଭାଷାପ୍ରେମୀମାନେ ଏହିଭଳି ଭାବେ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମିତିର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ସମିତିର ମୁଖପତ୍ର 'ଅନୁଭବ'ର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଔପନ୍ୟାସିକ ଡ.ପଦ୍ମଜ ପାଳ, ସାହିତ୍ୟିକ ଯମେଶ୍ୱର କହଲସିଂହ, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ସମାଜସେବୀ ରାମଶଙ୍କର, ପ୍ରଫେସର ନାରାୟଣ ରାଓ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଡ. ଶରଚ୍ଚନ୍ଦ୍ର ମହାପାତ୍ର, କୃପାସିନ୍ଧୁ ବିଶ୍ୱାଳ, ଡ. ସୁରେଶ ଚନ୍ଦ୍ର ଛୋଟରାୟ ପ୍ରମୁଖ ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ପାଇଁ ପ୍ରତ୍ୟେକ ନିରନ୍ତର ଉଦ୍ୟମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ବୈକୁଣ୍ଠନାଥ ରାଜଗୁରୁ, ଆଶିଷ କୁମାର ରାୟ, ଗାଳ୍ପିକ ସୁନୀଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ସମରଜିତ୍ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାରଣା, ବିଭୁ ହୋତା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ତପନ କୁମାର ମହାପାତ୍ର, ନିଶିକାନ୍ତ କହଲସିଂହ, ତ୍ରିଲୋଚନ ଦାସ ପ୍ରମୁଖ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ବଳିଆରସିଂହ ଓଡ଼ିଆ ଭାଷାର ବହୁଳ ବ୍ୟବହାରର ଆବଶ୍ୟକତା ଥିବା ବେଳେ ଭାଷା ଆୟୋଗ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା ପ୍ରତିଦିନ ଦୁର୍ଘଟଣାର ସମ୍ମୁଖୀନ ହେଉଛି ଏବଂ ବେଳହୁଁ ସାବଧାନ ନ ହେଲେ ଶେଷରେ ଏହାର ମୃତ୍ୟୁ ଘଟିବ ବୋଲି ସେ ଉଦବେଗ ପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଜ୍ଞାନରଂଜନ ଦାଶ ପ୍ରଥମେ କରୋନାମୁକ୍ତ ଭାରତ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆନନ୍ଦପୁର ଓ ଘଷିପୁରାଠାରେ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଓ ଘଷିପୁରାର ବିଭିନ୍ନ ମନ୍ଦିର, ଗ୍ରାମଦେବତୀ ଏବଂ ମଙ୍ଗଳା ଶାଳଗୁଡିକରେ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜ୍ୟର କରୋନାର ଦ୍ୱିତୀୟ ଲହରୀ ବଢି ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ମନ୍ଦିର ଓ ମସଜିଦରେ ପ୍ରାର୍ଥନା ଉପରେ କଟକଣା ଲଗାଯାଇଛି। କେଉଁଠି ୧୪୪ଧାରା ଲାଗିଛି ତ କେଉଁଠି ସୀମିତ ଲୋକଙ୍କୁ ନେଇ ଜିଲ୍ଲା ପ୍ରଶାସନ ମନ୍ଦିରକୁ ଯିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ସମସ୍ତ ମନ୍ଦିରରେ କୋଭିଡ୍ କଟକଣା ନିୟମକୁ ପାଳନ କରି ସାମାଜିକ ଦୂରତା ଏବଂ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ଗ୍ରାମଦେବତୀ ବ୍ରାହ୍ମଣୀ ଦେବୀ ଓ ସାମ୍ନାରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର, ଆନନ୍ଦପୁର ଜେଲ୍‌ଖାନା ସ୍ଥିତ ହନୁମାନ ମନ୍ଦିର, ଫକୀରପୁରର ବିଭିନ୍ନ ମନ୍ଦିର, ଘଷିପୁରା, ଦେଓଗାଁ, କେଶଦୁରାପାଳ, ରାମଚନ୍ଦ୍ରପୁର ଠାରେ ଥିବା ପ୍ରତ୍ୟେକ ମନ୍ଦିରରେ କୋଭିଡ୍ ନିୟମକୁ ପାଳନ କରି ଶ୍ରଦ୍ଧାଳୁ ଭକ୍ତମାନେ ଦର୍ଶନ କରୁଥିବା ଦେଖିବାକୁ ମିଳିଥିବା ବେଳେ ଭକ୍ତ ମାନଙ୍କୁ ପ୍ରସାଦ ଓ ପଣା ପିଇବାକୁ ଦିଆଯାଇଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK







Bhubaneswar Sunday June 06, 2021 ଭୁବନେଶ୍ୱର ରବିବାର, ଜୁନ୍ ୦୬,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## କଂଗ୍ରେସ ପକ୍ଷରୁ ପ୍ରତ୍ୟେକ ନାଗରିକଙ୍କୁ ଦେୟମୁକ୍ତ ଓ ଦୈନିକ କୋଟିଏ ଜନତାଙ୍କୁ ଟୀକାକରଣ କରାଯିବାର ଦାବି

ବାରିପଦା: ସମଗ୍ର ଭାରତ ବର୍ଷରେ ପ୍ରତ୍ୟେକ ନାଗରିକଙ୍କୁ ଦେୟମୁକ୍ତ ଓ ଦୈନିକ ଏକ କୋଟିରୁ ଅଧିକ ଜନତାଙ୍କୁ ଟୀକାକରଣ କରାଯିବାର ଦାବିରେ ଅଖିଳ ଭାରତ କଂଗ୍ରେସ କମିଟି ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତି ଓ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତିଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବୀପତ୍ରରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ଖାମଖିଆଲି ମନୋଭାବ ଓ ଦୂରଦୃଷ୍ଟି ଅଭାବ କାରଣରୁ ସମଗ୍ର ଭାରତର ନାଗରିକମାନେ ଛଟପଟ ହେବା ସାଙ୍ଗକୁ କରୋନାରେ ଆକ୍ରାନ୍ତ ହୋଇ ଦୈନିକ ହଜାର ହଜାର ଲୋକମାନଙ୍କ ଜୀବନ ଯାଉଛି । ସରକାରଙ୍କ ଟୀକାକରଣ ନୀତି ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି । ସେରମ କମ୍ପାନୀର ଟୀକା କୋଭିସିଲଡ୍ ଓ ଭାରତ ବାୟୋଟେକର ଟୀକା କୋଭାକ୍ସିନର ଏକ ଡ଼ୋଜ ଟୀକା କେନ୍ଦ୍ର ସରକାର ୧୫୦ ଟଙ୍କାରେ କିଣୁଥିବା ବେଳେ ରାଜ୍ୟ ସରକାର ସେହି ଟୀକାର ମୂଲ୍ୟ ଡୋଜ ପ୍ରତି ୩ ଶହ ଟଙ୍କା ଏବଂ ଘରୋଇ ହସ୍ପିଟାଲରେ ଡୋଜ ପ୍ରତି ୬ ଶହ ଟଙ୍କାରେ କିଣିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ପାଲଟିଛି । କେନ୍ଦ୍ର ସରକାର ଭାରତର ପ୍ରତ୍ୟେକ ନାଗରିକମାନଙ୍କୁ ମାଗଣାରେ ଟୀକାକରଣ କରାଇବା ପରିବର୍ତେ ଟୀକାକୁ ବ୍ୟବସାୟୀକରଣ କରାଇବା ଅତ୍ୟନ୍ତ ପିଡ଼ାଦାୟକ । ସେହିପରି ପୃଥିବୀରେ ବିଭିନ୍ନ ଦେଶ ୨୦୨୦ ମଇ ମାସଠାରୁ ନିଜ ନିଜ ଦେଶରେ ଟୀକାରଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଭାରତରେ ୨୦୨୧ ଜାନୁଆରୀରେ ଟୀକା କିଣିବାର ପ୍ରଥମ ପ୍ରୟାସ କରିଥିଲେ । ଯାହା ତାଙ୍କର ଭାରତବାସୀଙ୍କ ପ୍ରତି ରହିଥିବା ପ୍ରେମ ଓ ଆନ୍ତରିକତାର ଅସଲ ମୁଖାକୁ ପଦାରେ ପକାଇ ଦେଇଛି । ଭାରତର ଜନସଂଖ୍ୟା ୧୪୦ କୋଟିରେ ପହଁଚିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାତ୍ର ୩୯ କୋଟି ଟୀକା ବରାଦ କରିବା ସେମାନଙ୍କ ପାରିବା ପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରାଇଛି । ୨୦୨୧ ମଇ ୩୧ ପର୍ଯ୍ୟନ୍ତ ସମଗ୍ର ଦେଶରେ ୨୧ କୋଟି ୩୧ ଲକ୍ଷ ଲୋକମାନଙ୍କୁ ପ୍ରଥମ ଡୋଜ ଟୀକାକରଣ କରାଯାଇଥିବା ବେଳେ ମାତ୍ର ୪ କୋଟି ୪୫ ଲକ୍ଷଙ୍କୁ ୨ୟ ଡୋଜ ଟୀକାକରଣ କରାଯାଇଛି । ଯାହା ଭାରତର ଜନସଂଖ୍ୟାର ମୋଟ ୩.୧୭ ପ୍ରତିଶତ । ଦୈନିକ ୧୭ ଲକ୍ଷ ଲୋକଙ୍କୁ ଟିକାକରଣ କରାଯାଉଥିବା ବେଳେ ୧୪୦ କୋଟି ଛୁଇଁବାକୁ ପ୍ରାୟ ୩ ବର୍ଷରୁ ଅଧିକ ଲାଗିଯିବ । ଏହା ମଧ୍ୟରେ ଭାରତରେ ଲକ୍ଷ ଲକ୍ଷ ନାଗରିକମାନଙ୍କୁ ହରାଇବାର ସମ୍ଭାବନା ଦେଖାଦେଇଛି । ଏଣୁ କଂଗ୍ରେସ ପକ୍ଷରୁ ଭାରତରେ ସମସ୍ତ ନାଗରିକମାନଙ୍କୁ ଦେୟମୁକ୍ତ ଟୀକାରଣ କରାଯିବା ସାଙ୍ଗକୁ ଦୈନିକ ଏକ କୋଟିରୁ ଅଧିକ ନାଗରିକମାନଙ୍କୁ ଟୀକାକରଣ କାର୍ଯ୍ୟକୁ ସୁନିଶ୍ଚିତ କରାଇବା ନିମନ୍ତେ ଦାବୀ କରାଯାଇଛି । କଂଗ୍ରେସର ଏହି ପ୍ରତିନିଧି ମଣ୍ଡଳୀରେ ଯୋଗେଶ କୁମାର ଅଗ୍ରୱାଲା, ଅରବିନ୍ଦ ଦାସ, ଟାଉନ ସଭାପତି ଶାନ୍ତନୁ ପାଲ, ଜିଲ୍ଲା ସମ୍ପାଦକ ତାରାକାନ୍ତ ବେହେରା, କୌଶିକ ମିଶ୍ର, ମୋତିପ୍ରକାଶ ଦାଶ, ନିର୍ମଳ ପ୍ରଧାନ, ହରିଶଙ୍କର ଦାସ, ଶୋଭନ ଦାସ ପ୍ରମୁଖ ସାମିଲ ହୋଇଥିଲେ ।

## ଅଗ୍ନିକାଣ୍ଡରେ ୭ବଖର ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମିଭୂତ

କୋଣାକ: କୋଣାର୍କ ଥାନାନ୍ତର୍ଗତ ସିମିଳି ପାଞ୍ଚାୟତର କଣ୍ଟିଝାଡି ଗ୍ରାମରେ ଗତ ଶୁକ୍ରବାର ବିଳମ୍ବିତରେ ଅଗ୍ନିକାଣ୍ଡ ଘଟି ୭ବଖର ଘର ସମେତ ଲକ୍ଷାଧିକଟଙ୍କାର ସମ୍ପତ୍ତି ଭସ୍ମିଭୂତ ହୋଇଯାଇଛି । ଘଟଣାରୁ ପ୍ରକାଶ କଣ୍ଟିଝାଡି ଗ୍ରାମର ଦିବାକର ସାହୁ, ଅର୍ଜୁନ ସାହୁ, ବିପିନ ସାହୁ ଓ ନକୁଳ ସାହୁଙ୍କର ୭ବଖର ଘର, ଗୋଟିଏ ଗୁହାଳ ଘର, ନଗଦ ୨ଲକ୍ଷ ଟଙ୍କା ସମେତ ଲକ୍ଷାଧିକଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇ ଯାଇଛି । ରାତିରେ ହୁ ହୁ ହୋଇ ଚାଳ ଘର ଜଳୁଥିବା ଦେଖି ପରିବାର ସଦସ୍ୟମାନେ ଘରୁ ବାହାରକୁ ପଳାଇ ଆସିଥିଲେ। ଫଳରେ ଗୃହପାଳିତ ପଶୁଙ୍କ ସମେତ ପରିବାର ସଦସ୍ୟଙ୍କ ଜୀବନ ବଞ୍ଚି ଯାଇଥିଲା । କିନ୍ତୁ ଅଗ୍ନିର ପ୍ରକୋପରୁ ଆସବାସପତ୍ରକୁ ସୁରଖା ଦେଇପାରି ନଥିଲେ ।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିଶ୍ୱପରିବେଶ ଦିବସ ପାଳିତ



ଭୁବନେଶ୍ୱର : ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମାଷ୍ଟର କ୍ୟାଂଟିନ ଛକ ଓ ମହାତ୍ମା ଗାନ୍ଧୀ ମାର୍ଗରେ ବୃକ୍ଷ ରୋପଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପରିବେଶ ସୁରକ୍ଷା ଉପରେ ଏବେ ଜନସାଧାରଣ, ବିଭିନ୍ନ ସାମାଜିକ ସଂଗଠନ ଓ ସରକାର ଅଧିକ ଗୁରୁତ୍ୱ ଦେବା ଦରକାର । ପରିବେଶ ଅସୁରକ୍ଷିତ ହେଲେ ମାନବ ସମାଜ ଧ୍ୱଂସ ହୋଇଯିବ । ପ୍ରତିଟି ବ୍ୟକ୍ତିଙ୍କର ପରିବେଶ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭୂମିକା ରହିଛି । ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ସୁନିଲ ମାଟିଆ, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ଲିଙ୍ଗରାଜ ସାହୁ, ପ୍ରତ୍ୟୁଷ ରନ ପ୍ରଧାନ, ଅବଦୁଲ ସାହାରୁଖ ଖାନ, ମୃଣ୍ମୟ ସାମଲ, ୟାସ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## କଣାସରେ ବିଳମ୍ବରେ ଖୋଲିଲା ଧାନମଣ୍ଡି

କଣାସ: କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କର ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଗଣମାଧ୍ୟମରେ ଅନେକ ସମୟରେ କୁମ୍ଭିରକାନ୍ଦଣା କାନ୍ଦୁଥିବା ବେଳେ ରବିରତୁର ରବିଧାନ ଫସଲ କିଣିବା ପାଇଁ ମେଇ ମାସ ପ୍ରଥମ ସପ୍ତାହରେ ସରକାରୀ ଧାନମଣ୍ଡି ଖୋଲିବାର ବ୍ୟବସ୍ଥା ଥିବାବେଳେ ଦୀର୍ଘ ୧ ମାସ ପରେ ପୁରୀ ଜିଲ୍ଲା କଣାସ ବ୍ଲକରେ ଆଜି ପ୍ରଥମ ଧାନମଣ୍ଡି ଖୋଲିଥିବା ଜଣାପଡିଛି । କଣାସ ଗ୍ରାମପଚାଂୟତରେ ପ୍ରତିଷ୍ଠିତ ମା କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ମାଧ୍ୟମରେ ଆଜି ଧାନମଣ୍ଡିକୁ ସେବା ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ନଡିଆ ବାଡେଇ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ ଉତ୍ସବରେ କଣାସ ବ୍ଲକ ପୂର୍ବତନ ଆମ୍ମାର ଆଧକ୍ଷ ଭଗବାନ ସୁବୁଦ୍ଧି, ସମବାୟ ସମିତିର ବୋର୍ଡ ସଦସ୍ୟ ଅଭିମନ୍ୟୁ ଜୟସିଂହ, ପ୍ରଭାକର ବଳିୟାରସିଂହ, ରବି ବଳବନ୍ତରାୟ, କାବୁଲି ରାଉତରାୟ ଓ ସମସ୍ତ ବୋର୍ଡ ମେମ୍ବର ଉପସ୍ଥିତ ରହିଥିଲେ । ପୁରୀର ଶ୍ରୀ ଜଗନ୍ନାଥ ରାଇସ୍ ମିଲ୍ ୧୪ ଚାଷୀଙ୍କ ଠାରୁ ୬୪୦ କ୍ୱିଂଟାଲ ଧାନ କ୍ୱିଂଟାଲ ପିଛା ୧୮୬୮ଟଙ୍କାରେ କ୍ରୟ କରି ନେଇଥିବା ଜଣାପଡିଛି । ସମବାୟ ସମିତିର ସଂପାଦକ ଧିରେନ୍ଦ୍ରନାଥ ମାନସିଂହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଗାମୀ ଦିନରେ ଆଉ ୧୮୬୦ କ୍ୱିଂଟାଲ ଧାନ କ୍ରୟ କରିବା ପାଇଁ ସମବାୟ ସମିତିକୁ ଅନୁମତି ମିଳିଥିବା ଜଣାପଡିଛି ।

## ବାତ୍ୟା "ୟାସ"ପିଡିତଙ୍କୁ ସହାୟତା ପ୍ରଦାନ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅର୍ନ୍ତଗତ ଗୋଖାଖଟି ଗ୍ରାମର ବାତ୍ୟା "ୟାସ" ପିଡିତ ଭିନ୍ନକ୍ଷମ ପରିବାର ଗୁଡିକୁ "ନିର୍ମଳାଦେବୀ ଫାଉଣ୍ଡେସନ" ପକ୍ଷରୁ ଏକ ସପ୍ତାହ ପାଇଁ ରାସନ, ଶୁଖିଲା ଖାଦ୍ୟ ସାମଗ୍ରୀ ଏବଂ କୋଭିଡ-୧୯ ସଂକ୍ରମଣରୁ ସୁରକ୍ଷା ପାଇଁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି ।

## ଡିଭାଇଡରରେ ପିଟିଲା ଅଟୋରିକ୍ସା ; ଶ୍ୱଶୁର ମୃତ, ବୋହୂ ଗୁରୁତର

ଟାଙ୍ଗୀ: ୧୬ ନଂ ଜାତୀୟ ରାଜପଥର ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଓଭର ବ୍ରିଜ୍ ଉପରେ ଆଜି ମଧ୍ୟାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଁଟଣାରେ ଘଟଣାସ୍ଥଳରେ ଶ୍ୱଶୁରଙ୍କ ମୃତ୍ୟୁ ଘଟିଥିବା ବେଳେ ବୋହୂ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଆୟତପୁର ନିକଟସ୍ଥ ପାତ୍ରପୁର ଗ୍ରାମର ଗୋଟିଏ ପରିବାରର ସଦସ୍ୟ ମାନେ ଅଟୋ ରିକ୍ସାରେ ନୟାଗଡ଼ ଜିଲ୍ଲା ଡିମିସର ଗ୍ରାମକୁ ଯାଉଥିଲେ । କୌଣସି କାରଣବଶତଃ ଅଟୋ ରିକ୍ସାଟି ଭାରସାମ୍ୟ ହରାଇ ନାଚୁଣୀ ଓଭର ବ୍ରିଜ୍ ଉପରେ ଡିଭାଇଡର ସହ ଶକ୍ତ ଧକ୍କା ଦେଇ ଓଲଟି ପଡିଥିଲା । ଫଳରେ ଅଟୋରେ ଥିବା ଯାତ୍ରୀ ରାମକୃଷ୍ଣ ବିଶୋଇ (୭୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ରାମକୃଷ୍ଣଙ୍କ ବୋହୂ ମଞ୍ଜୁବାଳା (୪୫)ଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଟାଙ୍ଗୀ ହସ୍ପିଟାଲରେ ଭର୍ତି କରାଯାଇଥିଲା ।

## ପାଣିନାଳ ଅବରୋଧକୁ ନେଇ ଦୁଇ ଗ୍ରାମର ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ

କଣାସ:ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ଗ୍ରାମପଚାଂୟତର ଧୂଆଁଳ ଓ ମଣିଜୀପୁର ଗ୍ରାମବାସୀ ମାନେ ମଲାଗୁଣି ନଦୀରୁ ବାହାରିଥିବା ଏକ ପାଣିନାଳକୁ କେତେକ ବ୍ୟକ୍ତି ଜୋରଜବରଦସ୍ତ ଆବଦ୍ଧ କରିଥିବାରୁ ପାଣିନାଳ ଉପରେ ନିର୍ଭର କରୁଥିବା ଚାଷୀମାନେ ଚାଷ କାର୍ଯ୍ୟରେ ବ୍ୟାପକ ଅସୁବିଧା ସୃଷ୍ଟି ହୋଇଛି । ବର୍ଷା ଓ ବନ୍ୟାଜଳ ନିଷ୍କାସନ କ୍ଷେତ୍ରରେ ମଧ ଏହା ଅନ୍ତରାୟ ସୃଷ୍ଟି କରିବ ବୋଲି ଦୁଇ ଗ୍ରାମର ଗ୍ରାମବାସୀ କଣାସ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଅଭିଯୋଗ ପାଇବା ପରେ ମୁଁ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରି ଶୀଘ୍ର ରିପୋର୍ଟ ଦେବାକୁ କହିଛି । ରିପୋର୍ଟ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାର ଏକକିତା ନକଲ ପୁରୀ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀମାନେ ଦେଇଥିବା ଜଣାପଡିଛି ।

## କେନ୍ଦ୍ରାପଡା ଜିଲ୍ଲାରେ ଆଜି ୩୪୧ କରୋନା ପଜିଟିଭ



କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାରେ ଶନିବାର ୩୪୧ ଜଣ କରୋନା ପଜିଟିଭ ବାହାରିଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେଥିମଧ୍ୟରୁ ଆଳି ବ୍ଲକରେ ୫୫ଟି କରୋନା ପଜିଟିଭ କେଶ ବାହାରିଥିବା ବେଳେ ଡେରାବିଶି ବ୍ଲକରେ ୩୧, ଗରଦପୁର ବ୍ଲକରେ ୯, କେନ୍ଦ୍ରାପଡା ବ୍ଲକରେ ୬୬, ମହାକାଳପଡା ବ୍ଲକରେ ୨୮, ମାର୍ଶାଘାଇ ବ୍ଲକର ୨୬, ପଟ୍ଟାମୁଣ୍ଡାଇ ବ୍ଲକରେ ୨୭, ରାଜକନିକା ବ୍ଲକରେ ୪୬, ରାଜନଗର ବ୍ଲକର ୪୫ ଏବଂ କେନ୍ଦ୍ରାପଡା ପୌରାଞ୍ଚଳରେ ୮ ଜଣ କରୋନା ପଜିଟିଭ ବାହାରିଥିବା ସୂଚନା ଦିଆଯାଇଛି । ଜିଲ୍ଲାରେ କରୋନା ପଜିଟିଭଙ୍କ ସଂଖ୍ୟା ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଥିବାରୁ କଟକଣାକୁ ଆହୁରି କଡାକଡି କରାଯିବାର ଆବଶ୍ୟକତା ରହିଛି ।

## କୋଣାର୍କରେ ୪୭ତମ ବିଶ୍ୱ ପରିବେଶ ଦିବସ ପାଳିତ




କୋଣାର୍କ: କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟା ପୀଠ ପରିସରରେ ଜାତୀୟ ସବୁଜ ବାହିନୀ ଓ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳଙ୍କ ପକ୍ଷରୁ ୪୭ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ମାହାମାରି କରୋନାର ଦ୍ୱିତୀୟ ଲହରର ସମସ୍ତ ନିୟମକୁ ଅନୁପାଳନ କରି ଏଠାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟା ପୀଠର ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଅତିଥିରୂପେ କୋଣାର୍କ ବନ୍ୟପ୍ରାଣି ବନାଞ୍ଚଳର ଅଧିକାରୀ ବେଣୁଧର ବେହେରା, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ.ଏ. ସାହା ଆନସାରୀ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟା ପୀଠର ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, କୋଣାର୍କ ସତ୍ୟସାଇ ସେବା ସମିତିର ଆବାହକ ବାମଦେବ ଆଲୁକ, କୋଣାର୍କ ବନ୍ୟପ୍ରାଣି ବନାଞ୍ଚଳର ବନରକ୍ଷୀ ଭୀମସେନ ଦାଶ, ବିଜୟଲକ୍ଷ୍ମୀ ବଳ, ବବୁଲ ମଲ୍ଲିକ, ଦୁର୍ଯ୍ୟୋଧନ ପରିଡା, ଜାତୀୟ ସବୁଜ ବାହିନୀର ଅଧିକାରୀ ସମାଜସେବୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇ ବିଶ୍ୱରେ ଅସନ୍ତୁଳିତ ହେଉଥିବା ପରିବେଶ ଉପରେ ସୁଚିନ୍ତିତ ମତାମତ ଦେଇଥିଲେ । ପ୍ରତେକ ବର୍ଷ ସାମୁଦ୍ରିକ ଝଡର ପ୍ରଭାବରେ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ସମେତ ଶତାଧିକ ଗ୍ରାମରେ ବ୍ୟାପକ ବୃକ୍ଷ ସମ୍ପଦ କ୍ଷତିଗ୍ରସ୍ତ ହେଉଇଛି । ଫଳରେ ପରିବେଶ ଅସନ୍ତୁଳିତ ହେବାସହ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଜଙ୍ଗଲ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରି ଏବେଠାରୁ ପରିବେଶକୁ ସୁରକ୍ଷା ନ ଦେଲେ ଆଗାମୀ ଦିନରେ ପରିବେଶ ଅଧିକରୁ ଅଧିକ ଅସନ୍ତୁଳିତ ହୋଇ ପଡ଼ିବ ବୋଲି ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟା ପୀଠ ପରିସରରେ ଯୋଗ ଦେଇଥିବା ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ଆଗାମୀ ଦିନ ମାନଙ୍କରେ ଚନ୍ଦ୍ରଭାଗା ବେଳାଭୂମି ସମେତ ଗ୍ରାମାଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କୋଣାର୍କ ବନ୍ୟପ୍ରାଣି ବନାଞ୍ଚଳର ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray